# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 9/2024 Page 20 ₹ 7.00

୫୦ଶ ଭାଗ ୧୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 106 ମୂଲ୍ୟ₹୭/-



DSPL - 808

ODISHA INDIA'S BEST KEPT SECRET. | 5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

# ନିଯୁକ୍ତି ପର୍ବ
ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

# ୧୨୯୪
ନୂଆ ନିଯୁକ୍ତି



| ୭୨୫ | ୨୮୦ | ୧୨୯ |
|---|---|---|
| ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅର୍ଥ ବିଭାଗ | ଗ୍ରାମ୍ୟ ଉନ୍ନୟନ ବିଭାଗ |

## ୧୬୦ ଜଣ କୃତୀ କ୍ରୀଡ଼ାବିତ୍
ଇସ୍ପାତ ଏବଂ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗୃହ ବିଭାଗ

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୦୯ ମାର୍ଚ୍ଚ ୨୦୨୪ । ପୂର୍ବାହ୍ନ ୧୧ଟା ୪୫ମିନିଟ
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ଏବଂ
ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରରେ
ଆଭାସୀ ମାଧ୍ୟମରେ ଯୋଗଦାନ

OIPR-27068/13/0063/2324

ଓଡ଼ିଶା ସରକାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ Bhubaneswar, Saturday, March 9/2024




# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ | Bhubaneswar, Saturday, March 9/2024







**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ସାହିତ୍ୟାୟନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ଏଲ୍‌ପିଜି ଦର ୧୦୦ ଟଙ୍କା ହ୍ରାସ କଲା କେନ୍ଦ୍ର

**ନୂଆଦିଲ୍ଲୀ,୮।୩**

ଲୋକ ସଭା ନିର୍ବାଚନ ପୂର୍ବରୁ ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଲ୍‌ପିଜି ଦର ସିଲିଣ୍ଡର ପିଛା ୧୦୦ ଟଙ୍କା ହ୍ରାସ କରିଛନ୍ତି। ଫଳରେ ଶୁକ୍ରବାର ମଧ୍ୟରାତ୍ରରୁ ଗ୍ରାହକମାନେ ୧୪.୨ କିଲୋଗ୍ରାମ୍ ଏଲ୍‌ପିଜି ସିଲିଣ୍ଡର ୧୦୦ ଟଙ୍କା ଶସ୍ତାରେ କିଣିପାରିବେ। ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର କମିଥିବାରୁ ସରକାର ରନ୍ଧନ ଗ୍ୟାସ୍ ଦର କମାଇଥିବାବେଳେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଉପରେ କୌଣସି ଘୋଷଣା କରାଯାଇ ନାହିଁ। ମହିଳା ଦିବସରେ ସରକାର ଏଲ୍‌ପିଜି ଦର ୧୦୦ ଟଙ୍କା କମାଇଥିବାରୁ ଦେଶର କୋଟି କୋଟି ପରିବାରର ଆର୍ଥିକ ବୋଝ ଲାଘବ ହେବ, ବିଶେଷ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ଲାଟେରାଲ ଏଣ୍ଟ୍ରିରେ ତତ୍ପରତା**

# ଆସନ ବୁଝାମଣାରେ ଅଟକିଛି

- **ଲୋକ ସଭା ଆସନ ଦାବିରେ ରାଜି, ବିଧାନସଭାରେ ୧୧୦ ତଳକୁ ଖସୁନି ବିଜେଡି**
- **ଭାଜପା ରାଜ୍ୟ ନେତାଙ୍କ ସହ ଆଲୋଚନା କଲେନି ଶୀର୍ଷ ନେତୃତ୍ୱ**
- **ଓଡ଼ିଶା ଫେରିଲେ ଉଭୟ ବିଜେଡି-ଭାଜପା ନେତା**

**ଭୁବନେଶ୍ୱର, ୮।୩(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ହେବା ଏକ ପ୍ରକାର ନିଶ୍ଚିତ ହୋଇଗଲାଣି। ପ୍ରଥମ ପର୍ଯ୍ୟାୟରେ ବିଜେଡିର ଆଗଧାଡ଼ିର ନେତାଙ୍କ ସହ ନବୀନ ନିବାସରେ ବୈଠକ ହୋଇଥିଲା। ସମାନ ଦିନରେ ଅର୍ଥାତ୍ ଗତ ବୁଧବାର ଭାଜପା ରାଜ୍ୟ ନେତୃତ୍ୱଙ୍କ ସହ ଦିଲ୍ଲୀରେ ମଧ୍ୟ ବିଜେଡି ସହିତ ମେଣ୍ଟକୁ ନେଇ ବୈଠକ ହୋଇଥିଲା। ଏହାର ଦିନକ ପରେ ଅର୍ଥାତ୍ ଗୁରୁବାର ଆସନ ବୁଝାମଣାକୁ ନେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଏବଂ ପ୍ରଣବ ପ୍ରକାଶ ଦାସ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ଗସ୍ତ କରିଥିଲେ। ଭାଜପା କେନ୍ଦ୍ରୀୟ ନେତା ମଧ୍ୟ ଭାଜପା ରାଜ୍ୟ ନେତୃତ୍ୱଙ୍କୁ ଦିଲ୍ଲୀ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଲେ। ଏହି କ୍ରମରେ ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସକାଳୁ ପାଣ୍ଡିଆନ ଏବଂ ପ୍ରଣବ ଓଡ଼ିଶା ଫେରି ଆସିଥିବା ବେଳେ ସନ୍ଧ୍ୟାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଦଳର ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ମଧ୍ୟ ଫେରିଆସିଛନ୍ତି। ଯାହା ଶୁଣାଯାଉଛି, ମେଣ୍ଟ ପୂର୍ବରୁ ଆସନ ବୁଝାମଣାକୁ ନେଇ ଯେଉଁ ଗୁରୁତ୍ୱପୂର୍ଣ୍ଣ କଥା ରହିଲା ସେଠାରେ ହିଁ କଥା ଅଟକିଛି। ଭାଜପା ଦାବି କରୁଥିବା ଲୋକ ସଭା ଆସନ ଦେବାକୁ ବିଜେଡି ସେତେଟା ଅନାଗ୍ରହୀ ନୁହେଁ। ହେଲେ ବିଧାନସଭା ପାଇଁ ଯେଉଁ ବୁଝାମଣା ସେଥିରେ ହିଁ ମୂଳ ସମସ୍ୟା ରହିଯାଇଛି। ୧୦୦ରୁ ଅଧିକ ଆସନ ରଖିବାକୁ ବିଜେଡି ଏକ ପ୍ରକାର ଦାବି ଜୋର୍ କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ଆସନ ବୁଝାମଣା ଲାଗି ବିଜେଡି ପକ୍ଷରୁ ଦିଲ୍ଲୀ ଯାଇଥିବା ୨ ନେତା ଲୋକ ସଭାର ୧୨ରୁ ୧୪ ମଧ୍ୟରେ ଆସନ ଛାଡ଼ିଦେବାକୁ କୁଣ୍ଠାବୋଧ କରିନାହାନ୍ତି। ହେଲେ ଯେତିକି ବିଧାନସଭା ଆସନ ଭାଜପା ଚାହୁଁଛି ସେଥିରେ ବିଜେଡି ରାଜି ନୁହଁ। ପ୍ରାୟ ୫୦ ବିଧାନସଭା ଆସନ ଭାଜପା ପକ୍ଷରୁ ଦାବି କରାଯାଇଥିଲା। ହେଲେ ଏକଥା ଶୁଣିବା ପରେ ବିଜେଡି ନେତା ସବୁ ନିର୍ବାଚନମଣ୍ଡଳୀ ୱାରି କରିଥିବା ସର୍ଭେ ରିପୋର୍ଟ ଭାଜପା କେନ୍ଦ୍ରୀୟ ନେତାଙ୍କ ଆଗରେ ରଖି ଦେଇଥିଲେ। ଆଉ ଓଡ଼ିଶାରେ ଭାଜପାର ବାସ୍ତବ ସ୍ଥିତି କ'ଣ ତାକୁ ଦେଖିବାକୁ କହିଥିଲେ। ବିଜେଡି ଉପସ୍ଥାପନ କରିଥିବା ରିପୋର୍ଟ ମୁତାବକ ଭାଜପା ରାଜ୍ୟରେ ଅତିବେଶି ହେଲେ ୨୦ରୁ ୨୫ ବିଧାନସଭା ଆସନ ନେବ। ତା'ଠାରୁ ଅଧିକ ଆସନ ଯେହେତୁ ଭାଜପା ନେଉନାହିଁ ତେଣୁ ବିଧାନସଭାରେ ଅତିବେଶିରେ ସର୍ଭେ ଅନୁଯାୟୀ ଆସନ ଛାଡ଼ିଦେବାକୁ ବିଜେଡି ରାଜି ଅଛି। ହେଲେ ଲୋକ ସଭାରେ ପାଖାପାଖି ୧୪ ଆସନ ଭାଜପାକୁ ଛାଡ଼ିଦେବା ଲାଗି ବିଜେଡି ସହମତି ପ୍ରକାଶ କରିଛି। ଅପରପକ୍ଷରେ ଭାଜପା ରାଜ୍ୟ ନେତୃବୃନ୍ଦ ଏବଂ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ କିନ୍ତୁ ମେଣ୍ଟ ପାଇଁ କୁଆଡେ ରାଜି ହେଉ ନ ଥିବା କୁହାଯାଉଛି। ଏକଥାକୁ କେନ୍ଦ୍ରର ଶୀର୍ଷ ନେତୃତ୍ୱ ରାଜ୍ୟ ନେତୃବୃନ୍ଦଙ୍କ ସହ ମଧ୍ୟ ଆଲୋଚନା କରୁନାହାନ୍ତି। ☞ପୃଷ୍ଠା-୧୩



ମହାଶିବରାତ୍ରି ଅବସରରେ ଶୁକ୍ରବାର ରାତି ୧୦ଟା ୧୭ରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିବା ବେଳର ଦୃଶ୍ୟ। (ଫଟୋ-ମୌସମ)




ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ Bhubaneswar, Saturday, March 9/2024

# କଂଗ୍ରେସକୁ ଆଇଟି ଟ୍ରିବ୍ୟୁନାଲ ଝଟକା

ନୂଆଦିଲ୍ଲୀ,୮।୩

କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଉପରେ ଆୟକର (ଆଇଟି) ବିଭାଗର କାର୍ଯ୍ୟାନୁଷ୍ଠାନ ବନ୍ଦ ଲାଗି ଦଳ ପକ୍ଷରୁ କରାଯାଇଥିବା ଆବେଦନକୁ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ ଶୁକ୍ରବାର ଖାରଜ କରିଦେଇଛନ୍ତି। ଫଳରେ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି। ଆୟକର ଟ୍ରିବ୍ୟୁନାଲଙ୍କ ରାୟକୁ ୧୦ ଦିନ ପାଇଁ ସ୍ଥଗିତ ରଖିବା ନିମନ୍ତେ ଦଳ ପକ୍ଷରୁ ଆଇନଜୀବୀ ବିବେକ ତଙ୍ଖା ଅପିଲ କରିଛନ୍ତି। ରାୟ ବିରୋଧରେ ଦଳ ଖୁବ୍‌ଶୀଘ୍ର ଦିଲ୍ଲୀ ହାଇକୋର୍ଟଙ୍କ

**ବ୍ୟାଙ୍କ ଆକାଉଣ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ ଆବେଦନ ଖାରଜ**

ଦ୍ୱାରସ୍ଥ ହେବ ବୋଲି କଂଗ୍ରେସ କୋଷାଧ୍ୟକ୍ଷ ଅଜୟ ମାକେନ୍ କହିଛନ୍ତି।

ସୂଚନାଯୋଗ୍ୟ ୨୦୧୮-୧୯ ଆର୍ଥିକ ବର୍ଷରେ କଂଗ୍ରେସ ୨୧୦ କୋଟି ଟଙ୍କାର ଟିକସ ଏବଂ ଜରିମାନା ପୈଠ କରି ନ ଥିବାରୁ ଆୟକର ବିଭାଗ ଏହାର ୧୧୫ କୋଟି ଟଙ୍କାର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେଇଥିବା ଗତ ମାସ ୧୬ ତାରିଖରେ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହା ବିରୋଧରେ କଂଗ୍ରେସର ପିଟିଶନ ଆୟକର ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବାବେଳେ ଦଳର ୩ ବ୍ୟାଙ୍କ ଆକାଉଣ୍ଟରୁ ଆୟକର ବିଭାଗ ୬୫ କୋଟି ଟଙ୍କା ଉଠାଇ ନେଇଥିବା ଦିନକ ପରେ ମାକେନ୍ ଅଭିଯୋଗ ଆଣିଥିଲେ। ଭାଜପା କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଛି ବୋଲି କଂଗ୍ରେସ ଏହାର ଅଭିଯୋଗକୁ ଦୋହରାଇବା ସହ ଟିକସ ଦାବି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲା। ନିର୍ବାଚନ ପ୍ରସ୍ତୁତିକୁ ଭଣ୍ଡୁର କରିବା ପାଇଁ ଆୟକର ବିଭାଗ ଦ୍ୱାରା ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଭାଜପା ସରକାର ଆର୍ଥିକ ଆତଙ୍କବାଦ ସୃଷ୍ଟି କରିବା ସହ ନିର୍ବାଚନ ପୂର୍ବରୁ ମୁଖ୍ୟ ବିରୋଧୀ ଦଳକୁ ଅଚଳ କରିଦେବା ପାଇଁ ଉଦ୍ୟମ କରୁଛି ବୋଲି ଅଭିଯୋଗ ହୋଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ଆୟକର ବିଭାଗ ଦଳୀୟ ପାଣ୍ଠିକୁ ଜବତ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେବା ଗଣତନ୍ତ୍ର ଉପରେ ଆକ୍ରମଣ। ଏଭଳି ସ୍ଥିତିରେ ଜଣେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ କିପରି ଆଶା କରିବ ବୋଲି ମାକେନ୍ ପ୍ରଶ୍ନ କରିଛନ୍ତି। ଆମେ ଆୟକର ଟ୍ରିବ୍ୟୁନାଲଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ଏବଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ଟ୍ରିବ୍ୟୁନାଲ ନିଜର ପୂର୍ବ ରାୟକୁ ଅନୁସରଣ କରି ନାହାନ୍ତି। ପୂର୍ବରୁ ଏକ ରାୟରେ ଟ୍ରିବ୍ୟୁନାଲ ବକେୟା ଦେୟର ୨୦ ପ୍ରତିଶତ ପୈଠ କରିଥିବା ଏକ ଜାତୀୟ ଦଳକୁ କାର୍ଯ୍ୟାନୁଷ୍ଠାନରୁ ମୁକ୍ତ କରିଥିଲେ ବୋଲି ଆଇନଜୀବୀ ତଙ୍ଖା କହିଛନ୍ତି।

## ଅମିତାଭ ଘୋଷଙ୍କୁ ଇରାସ୍ମସ୍ ପ୍ରାଇଜ୍



**କୋଟା,୮।୩:** ଜଳବାୟୁ ପରିବର୍ତ୍ତନ ଉପରେ ଲେଖୁଥିବା ଖ୍ୟାତନାମା ଲେଖକ ଅମିତାଭ ଘୋଷଙ୍କୁ ଚଳିତ ବର୍ଷ ନିମନ୍ତେ ସମ୍ମାନଜନକ ଇରାସ୍ମସ୍ ପୁରସ୍କାର ପ୍ରଦାନ କରାଯାଇଛି। 'ଇମାଜିନିଂ ଦ ଅନ୍‌ଥିଙ୍କେବଲ୍' ଶୀର୍ଷକ ପ୍ରସଙ୍ଗରେ ତାଙ୍କ ଉତ୍ସର୍ଗୀକୃତ ଅବଦାନ ପାଇଁ ଏହି ପୁରସ୍କାର ଦିଆଯାଇଥିବା ନେଦରଲାଣ୍ଡସ୍‌ର ପ୍ରିମିୟମ୍ ଇରାସ୍ମିଏନମ୍ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।

## ନମାଜ ପଢୁଥିବା ଲୋକଙ୍କୁ ଗୋଇଠା ମାରି ପୋଲିସ ଅଫିସର ନିଲମ୍ବିତ

ନୂଆଦିଲ୍ଲୀ,୮।୩

ଉତ୍ତର ଦିଲ୍ଲୀର ଇନ୍ଦରଲୋକ ଅଞ୍ଚଳରେ ରାସ୍ତାରେ ନମାଜ ପାଠ କରୁଥିବା କେତେକ ଲୋକଙ୍କୁ ଗୋଇଠା ମାରିଥିବା ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ଦିଲ୍ଲୀ ପୋଲିସ ଶୁକ୍ରବାର ନିଲମ୍ବନ କରିଛି। ଅପରାହ୍ନ ୨ଟା ସମୟରେ ଇନ୍ଦରଲୋକ ମେଟ୍ରୋ ଷ୍ଟେଶନ ନିକଟରେ ଲୋକମାନେ 'ଜୁମେ କି ନମାଜ'(ଶୁକ୍ରବାରର ନମାଜ ପାଠ) କରୁଥିବାବେଳେ ପୋଲିସ ଅଫିସର ଜଣଙ୍କ ସେମାନଙ୍କୁ ଗୋଇଠା ମାରିଥିଲେ। ଉକ୍ତ ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଭିଯୁକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଆଇନ ଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ସେଠାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ସବ୍‌ଇନ୍ସପେକ୍ଟରଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ତାଙ୍କ



ବିରୋଧରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଡିସିପି(ଉତ୍ତର) ଏମ୍.କେ. ମୀନା କହିଛନ୍ତି।

## କୋଟାରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

**କୋଟା,୮।୩:** ରାଜସ୍ଥାନର କୋଟାରେ ଜେଇଇ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣେ ୧୬ ବର୍ଷୀୟ ଛାତ୍ର ତାଙ୍କ ପିଜି ପ୍ରକୋଷ୍ଠରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଚଳିତ ବର୍ଷ କୋଟାରେ ଏହା ପଞ୍ଚମ ଆତ୍ମହତ୍ୟା। ବିଜ୍ଞାନ ନଗର ଥାନା ଅଞ୍ଚଳରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି। ମୃତକ ଅଭିଷେକ ମଣ୍ଡଳଙ୍କ ଘର ବିହାରର ଭାଗଲପୁର। ଗତ ଜାନୁଆରୀ ୨୯ ଏବଂ ଫେବୃଆରୀ ୧୯ରେ ଅନୁଷ୍ଠିତ ଜେଇଇ ପ୍ରବେଶିକା ପରୀକ୍ଷାରେ ସେ ଯୋଗଦେଇ ନ ଥିଲେ। 'ସରି ପାପା, ମୋ ଦ୍ୱାରା ଜେଇଇ ହୋଇପାରିବ ନାହିଁ, ମୁଁ ଯାଉଛି' ବୋଲି ଅଭିଷେକ ଲେଖିଥିବା ଏକ ସୁଇସାଇଡ୍ ନୋଟ୍ ତାଙ୍କ ପ୍ରକୋଷ୍ଠରୁ ମିଳିଛି।

## ବିଦ୍ୟୁତ୍ ଆଘାତରେ ୧୪ ପିଲା ଅର୍ଦ୍ଧଦଗ୍ଧ

ମହାଶିବରାତ୍ରି ଅବସରରେ 'ଶିବ ବାରାତ'ରେ ସାମିଲ ହୋଇଥିବା ୧୪ ଜଣ ପିଲା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆଂଶିକ ପୋଡ଼ିଯାଇଛନ୍ତି। ରାଜସ୍ଥାନର କୁନ୍‌ହାରି ଥାନା ଅନ୍ତର୍ଗତ ସକାତୌରା ଅଞ୍ଚଳରେ ଶୁକ୍ରବାର ସକାଳେ ଏହି ଅଘଟଣ ଘଟିଛି। ୧୦ରୁ ୧୬ ବର୍ଷ ବୟସ୍କ ପିଲାଙ୍କ ମଧ୍ୟରୁ ୨ ଜଣଙ୍କ ଶରୀର ଯଥାକ୍ରମେ ୧୦୦% ଓ ୫୦ % ପୋଡ଼ିଯାଇଛି। ସମସ୍ତଙ୍କୁ କୋଟାର ଏମ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## କାମିୟାଙ୍କୁ ନ୍ୟାଶନାଲ କ୍ରିଏଟର୍ସ ଆୱାର୍ଡ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୮।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୟୁଟ୍ୟୁବର କାମିୟା ଜାନିଙ୍କୁ ପ୍ରଥମ ନ୍ୟାଶନାଲ କ୍ରିଏଟର୍ସ ଆୱାର୍ଡ ଦେଇଛନ୍ତି। ୩୨ ବର୍ଷୀୟା କାମିୟା ହେଉଛନ୍ତି, ସେହି ୟୁଟ୍ୟୁବର, ଯାହାଙ୍କ ପୁରୀ ଶ୍ରୀମନ୍ଦିରରେ ପ୍ରବେଶକୁ ନେଇ କିଛି ମାସ ତଳେ ବିବାଦ ସୃଷ୍ଟି ହୋଇଥିଲା। ଭାଜପା ତାଙ୍କୁ ଜଣେ ଗୋମାଂସ ଭକ୍ଷକ ବୋଲି ଅଭିହିତ କରି ଓଡ଼ିଶାର ଶାସକ ବିଜେଡିକୁ ଟାର୍ଗେଟ କରିଥିଲା। ତେବେ କାମିୟା ବିଫ୍ ଖାଆନ୍ତି ନାହିଁ ବୋଲି ପରବର୍ତ୍ତୀ ସମୟରେ ଏକ ଭିଡିଓ ଜାରି କରି ସଫେଇ ଦେଇଥିଲେ।



୧୯୮୮ରେ ମୁମ୍ବାଇରେ ଜନ୍ମିତ କାମିୟା ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ବେଷ୍ଟ୍ ଟ୍ରାଭେଲ କ୍ରିଏଟର ଆୱାର୍ଡ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଦେଶବ୍ୟାପୀ ମନ୍ଦିର ପ୍ରତିଷ୍ଠା କରିଥିବାରୁ ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସାମାଜିକ ପରିବର୍ତ୍ତନ, ପରିବେଶ, ଶିକ୍ଷା ଓ ଗେମିଂ ଭଳି କ୍ଷେତ୍ରରେ ସୃଜନଶୀଳତାକୁ ସକାରାତ୍ମକ ରୂପ ଦେବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତୀୟଙ୍କୁ ସ୍ୱୀକୃତି ପ୍ରଦାନ ପାଇଁ ଏହି ପୁରସ୍କାର ଆରମ୍ଭ କରାଯାଇଛି। ୨୦ଟି ବର୍ଗରେ ୧.୫ ଲକ୍ଷ ନାମାଙ୍କନ କରାଯାଇଥିଲା। ଡିଜିଟାଲ କ୍ରିଏଟର୍ସ ବର୍ଗରେ ୧୦ ଲକ୍ଷ ଭୋଟ ପଡ଼ିଥିଲା। ଏହା ପରେ ୩ ଅନ୍ତର୍ଜାତୀୟ କ୍ରିଏଟରଙ୍କ ସମେତ ୨୩ ଜଣଙ୍କୁ ବିଜେତା ଭାବେ ଚୟନ କରାଯାଇଥିଲା।

## ମଣିପୁରରେ ଆଉ ଜଣେ ସେନା ଅଧିକାରୀ ଅପହୃତ

ଇମ୍ଫାଲ,୮।୩

ମଣିପୁରରେ ଭାରତୀୟ ସେନାର ଜଣେ ଅଧିକାରୀଙ୍କୁ ଶୁକ୍ରବାର ତାଙ୍କ ଘରୁ ଅପହରଣ କରିନିଆଯାଇଛି। ଗତବର୍ଷ ମେ'ରେ ଜାତିଆଣ ହିଂସା ଆରମ୍ଭ ହେବା ପରଠୁ ଏହା ହେଉଛି ଏଭଳି ଚତୁର୍ଥ ଘଟଣା। ଜୁନିୟର କମିଶନ୍‌ଡ ଅଫିସର (ଜେସିଓ) କୋନ୍‌ସାମ ଖେଡା ସିଂ ଥୋଉବାଲ ଜିଲାର ବାସିନ୍ଦା। ସେ ଛୁଟିରେ ନିଜ ଘରକୁ ଆସିଥିଲେ। ପୂର୍ବାହ୍ନ ୯ଟାରେ ସେ ଘରେ ଥିବାବେଳେ ଅଜ୍ଞାତ ବ୍ୟକ୍ତିମାନେ ତାଙ୍କୁ ଏକ ଗାଡ଼ିରେ ଉଠାଇନେଇଥିଲେ। ଜେସିଓଙ୍କୁ ଉଦ୍ଧାର କରିବା ପାଇଁ ତଲାସି ଅଭିଯାନ ଚାଲିଛି। ଜାତୀୟ ରାଜପଥ ନମ୍ବର ୧୦୨ରେ ଯାତାୟାତ କରୁଥିବା ସମସ୍ତ ଯାନବାହନକୁ ଯାଞ୍ଚ କରାଯାଉଛି। ଅପହରଣର କାରଣ ଜଣାପଡ଼ିନାହିଁ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୨୪ | Bhubaneswar, Saturday, March 9/2024 | ପୃଷ୍ଠା-୧


# ୱାୟନାଡ୍‌ରୁ ପୁଣି ଲଢ଼ିବେ ରାହୁଲ

**ନୂଆଦିଲ୍ଲୀ,୮।୩**

କଂଗ୍ରେସ ନେତା ରାହୁଲ ଗାନ୍ଧୀ କେରଳର ୱାୟନାଡ୍ ଲୋକ ସଭା ଆସନରୁ ପୁନର୍ବାର ଦଳୀୟ ପ୍ରାର୍ଥୀ ହେବେ। ଶୁକ୍ରବାର ରାତିରେ କଂଗ୍ରେସ ପକ୍ଷରୁ ଜାରି ୩୯ ଜଣିଆ ପ୍ରାର୍ଥୀ ତାଲିକାରୁ ଏହା ସ୍ପଷ୍ଟ ହୋଇଛି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ୱାୟନାଡ୍ ସହ ଅମେଠି ଏବଂ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ମା' ସୋନିଆ ଗାନ୍ଧୀଙ୍କ ପୂର୍ବ ଆସନ ରାଏବରେଲିରୁ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଏହି ପ୍ରଥମ ପର୍ଯ୍ୟାୟପ୍ରାର୍ଥୀ ତାଲିକାରେ ଓଡ଼ିଶାର କୌଣସି ନେତାଙ୍କୁ ସ୍ଥାନ ମିଳିନାହିଁ।

## କଂଗ୍ରେସ ଜାରିକଲା ୩୯ ଜଣିଆ ପ୍ରାର୍ଥୀ ତାଲିକା

ପ୍ରକାଶିତ ତାଲିକା ଅନୁସାରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କେରଳର ଆଲାପ୍ପୁଝା ଓ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ରାଜନନ୍ଦଗାଓଁରୁ ଲଢ଼ିବେ। ସେହିପରି ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କୁ ଏହି ଆସନରୁ ପୁନର୍ବାର ପ୍ରାର୍ଥୀ କରାଯାଇଛି। ଜ୍ୟୋତ୍ସ୍ନା ମହନ୍ତଙ୍କୁ କୋର୍ବା, ମକରଧ୍ୱଜ ସାହୁଙ୍କୁ ମହାସମୁନ୍ଦ ଆସନରୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦଳ ସୁଯୋଗ ଦେଇଛି। ବେଣୁଗୋପାଳ



କହିଛନ୍ତି, ଏହି ତାଲିକାରେ ୧୫ ଜଣ ସାଧାରଣ ସମ୍ପାଦକ ଏବଂ ଏସ୍‌ସି, ଏସ୍‌ଟି, ଓବିସି ବର୍ଗର ୨୪ ପ୍ରାର୍ଥୀ ରହିଛନ୍ତି। ଏହି ତାଲିକା

### ଓଡ଼ିଶାରୁ କାହା ନାମ ନାହିଁ

ଯୁବ ଓ ଅଭିଜ୍ଞତା ସମ୍ପନ୍ନ ପ୍ରାର୍ଥୀଙ୍କ ଉପଯୁକ୍ତ ସମାହାର ବୋଲି କଂଗ୍ରେସ କୋଷାଧ୍ୟକ୍ଷ ଅଜୟ ମାକେନ୍ କହିଛନ୍ତି। ୧୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୦ ଲୋକ ସଭା ଆସନରେ ପ୍ରାର୍ଥୀ ଦେବା ନେଇ ଗୁରୁବାର କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦିଲ୍ଲୀ, କର୍ନାଟକ, କେରଳ, ଛତିଶଗଡ଼, ☞ପୃଷ୍ଠା-୧୩

# କୋଣାର୍କ ମୂର୍ତ୍ତି ବି ମିନି ସ୍କର୍ଟ ପିନ୍ଧିଛନ୍ତି: ମୋଦି

**ନୂଆଦିଲ୍ଲୀ,୮।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କୋଣାର୍କ ସୂର୍ଯ୍ୟ ମନ୍ଦିରର ପ୍ରାଚୀନ କଳାକୃତିକୁ ଆଧୁନିକତା ସହ ଯୋଡ଼ିବାକୁ ଉଦ୍ୟମ କରିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ନ୍ୟାଶନାଲ କ୍ରିଏଟର୍ସ ଆୱାର୍ଡ ଉତ୍ସବ ଉଦ୍‌ଘାଟନ ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁ ଲୋକ ମିନି ସ୍କର୍ଟକୁ ଆଧୁନିକତାର ପ୍ରତୀକ ବୋଲି ମନେକରନ୍ତି। ଆପଣ କୋଣାର୍କକୁ ଗଲେ ସେଠାରେ ଥିବା ଶତାବ୍ଦୀ ପୁରୁଣା ମୂର୍ତ୍ତିଗୁଡ଼ିକ ମଧ୍ୟ ଏଭଳି ମିନି ସ୍କର୍ଟ ପିନ୍ଧି ହାତରେ ପର୍ସ ଧରିଥିବା ଦେଖିବାକୁ ପାଇବେ। ଅନେକ ଶହ ବର୍ଷ ପୂର୍ବେ ଆମ ସ୍ଥାପତ୍ୟରେ ଭାରତୀୟମାନେ ଫ୍ୟାଶନକୁ ନେଇ ସଚେତନ ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା-୧୩

# ସୁଧା ମୂର୍ତ୍ତି ରାଜ୍ୟ ସଭାକୁ ମନୋନୀତ

**ନୂଆଦିଲ୍ଲୀ,୮।୩**

ବିଶିଷ୍ଟ ସମାଜସେବୀ ତଥା ଲେଖିକା ସୁଧା ମୂର୍ତ୍ତିଙ୍କୁ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟ ସଭାକୁ ମନୋନୀତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିବିଧ କ୍ଷେତ୍ର ପ୍ରତି ତାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଉଚ୍ଚ ସଦନରେ ସୁଧାଙ୍କ ଉପସ୍ଥିତି ନାରୀ ଶକ୍ତିର ଏକ ଶକ୍ତିଶାଳୀ ସାକ୍ଷ୍ୟ, ଯାହାକି ରାଷ୍ଟ୍ରର ଭାଗ୍ୟ ନିର୍ଦ୍ଧାରଣରେ ମହିଳାମାନଙ୍କ ଶକ୍ତି ଓ ସମ୍ଭାବନାର ପ୍ରତୀକ ବୋଲି ମୋଦି ନିଜ ଏକ୍ସ' ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି।



ଏଥିସହ ତାଙ୍କୁ ରାଜ୍ୟ ସଭାରେ ଏକ ଫଳପ୍ରଦ କାର୍ଯ୍ୟକାଳର କାମନା କରିଛନ୍ତି। ଦେଶ ସେବା ପାଇଁ ସୁଯୋଗ ମିଳିଥିବାରୁ ଏହି ଅବସରରେ ☞ପୃଷ୍ଠା-୧୩







# ମୁଁ ନିଜ ସହ ପ୍ରତିଯୋଗିତା କରେ



ଅନୁପ କୁମାର ବଗାଇ

**ଏକ ଛୋଟ ଫାଷ୍ଟଫୁଡ୍ ଦୋକାନରୁ ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିବା ଅନୁପ କୁମାର ବଗାଇ ବର୍ତ୍ତମାନ ଜଣେ ସଫଳ ଉଦ୍ୟୋଗୀ ଭାବେ ଘରେ ଘରେ ପରିଚିତ। ୩୦ ବର୍ଷର ବ୍ୟବସାୟିକ ଅଭିଜ୍ଞତା ସହ ବର୍ତ୍ତମାନ ସେ ଭୁବନେଶ୍ୱରର କ୍ୟାଟରିଂ ସଂସ୍ଥା 'ଖଟାମିଠା'ର ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଯୁବ ଉଦ୍ୟୋଗୀଙ୍କ ପାଇଁ ଜଣେ ପ୍ରେରଣା ପାଲଟିଥିବା ବଗାଇଙ୍କ ସହ 'ଧରିତ୍ରୀ'ର ସ୍ୱତନ୍ତ୍ର ଆଳାପ...**




**ପ୍ର-ବଜାରରେ 'ଖଟାମିଠାର'ର କ'ଣ ସ୍ୱତନ୍ତ୍ରତା ରହିଛି?**

ଉ-'ଖଟାମିଠା' ସଚ୍ଚୋଟତା, ପ୍ରତିଶ୍ରୁତିବଦ୍ଧତା ଏବଂ ଗୁଣାତ୍ମକ ଉତ୍ପାଦ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆମ ପାଇଁ ଗ୍ରାହକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେମାନେ ଆମକୁ ଭରସା କରନ୍ତି, ତେଣୁ ସେମାନଙ୍କୁ ଉତ୍ତମ ସେବା ଯୋଗାଇବା ଆମର ଦାୟିତ୍ୱ।

**ପ୍ର- ହସ୍ପିଟାଲିଟି (ଆତିଥ୍ୟ) ଉଦ୍ୟୋଗରେ ପ୍ରତିଯୋଗିତା ବଢ଼ିଚାଲିଥିବାବେଳେ କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି?**

ଉ- ପ୍ରତିଯୋଗିତା ଜଣଙ୍କୁ ଭୟଭୀତ କରି ନ ଥାଏ। ବରଂ ଅଗ୍ରଗତିରେ ସହାୟକ ହୋଇଥାଏ। ସକାରାତ୍ମକ ପ୍ରତିଯୋଗିତା ସର୍ବଦା ଗୁଣାତ୍ମକ ସେବା ପ୍ରଦାନ କରିବାକୁ ପ୍ରୋତ୍ସାହିତ କରିଥାଏ। ମୁଁ ଅନ୍ୟମାନଙ୍କ ସହ ନୁହେଁ, ନିଜ ସହ ପ୍ରତିଯୋଗିତା କରିବାରେ ବିଶ୍ୱାସ କରେ। ଲଗାତର ଭାବେ ଗ୍ରାହକଙ୍କ ମତାମତ ଗ୍ରହଣ କରିଥାଏ ଏବଂ କିପରି ଆଉ କିଛି ଭଲ ହୋଇପାରିବ ସେ ଦିଗରେ ଚେଷ୍ଟା କରେ।

**ପ୍ର- ବ୍ୟବସାୟରେ ଲାଭାନ୍ୱିତ ହେବା ସହ ଖାଦ୍ୟର ମାନ ବଜାୟ ରଖିବା ଦିଗରେ କ'ଣ ପଦକ୍ଷେପ ନେଇଥା'ନ୍ତି? ବଳକା ଖାଦ୍ୟକୁ କ'ଣ କରନ୍ତି?**

ଉ- ଖାଦ୍ୟର ଉତ୍ତମ ଗୁଣବତ୍ତା ବଜାୟ ରଖିବା ପାଇଁ ଉତ୍ତମମାନର ରୋଷେଇ ସାମଗ୍ରୀ ଉପରେ ଗୁରୁତ୍ୱ ଦେଇଥାଉ। କିଚେନର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ରୋଷେଇରେ ସ୍ୱଚ୍ଛ ଜଳ ବ୍ୟବହାର କରିଥାଉ। ଆମେ ସର୍ବଦା ଯେତିକି ଆବଶ୍ୟକ, ସେତିକି ଖାଦ୍ୟ ପ୍ରସ୍ତୁତ କରିବାକୁ ଚେଷ୍ଟା କରିଥାଉ। ତଥାପି ଯଦି କେଉଁଦିନ ଖାଦ୍ୟ ବଳକା ହୋଇଯାଏ, ଆମେ ଗରିବ ତଥା ଖାଦ୍ୟ ଲୋଡୁଥିବା ଲୋକଙ୍କ ମଧ୍ୟରେ ବାଣ୍ଟିଦେଉ।

**ପ୍ର- ଆପଣଙ୍କ ପ୍ରତିଷ୍ଠାନରେ ଗ୍ରାହକଙ୍କ ଭିନ୍ନ ଭିନ୍ନ ଚାହିଦା ରହୁଥାଇପାରେ। ଗ୍ରାହକଙ୍କ ଚାହିଦା ଓ ଅଭିଯୋଗକୁ କିପରି ଗ୍ରହଣ କରନ୍ତି?**

ଉ- ଗ୍ରାହକ ସ୍ୱଳ୍ପଖର୍ଚ୍ଚରେ ଉତ୍ତମମାନର ସେବା ଆଶା ରଖନ୍ତି। ଆମେ ଆମ ଗ୍ରାହକଙ୍କ ଆଶାନୁରୂପ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଉ। ସେମାନଙ୍କୁ ଅନେକ ବିକଳ୍ପ ପ୍ରଦାନ କରିଥାଉ। ସେମାନଙ୍କ ପ୍ରଶଂସା ଆମ ମନୋବଳକୁ ଦୃଢ଼ କରୁଥିବାବେଳେ ଯଦି କେବେ କିଛି ଅଭିଯୋଗ ଆସେ, ଆମେ ତାହା ଉପରେ ଧ୍ୟାନ ଦେଉ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସ୍ଥାରେ ସୁଧାର ଆଣିବାକୁ ସଦାଚେଷ୍ଟିତ।

**ପ୍ର- କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଭାବେ ଆପଣ ଦାୟିତ୍ୱ ତୁଲାଉଛନ୍ତି। ଏ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଉଦ୍ୟୋଗୀଙ୍କୁ କି ପରାମର୍ଶ ଦେବେ?**

ଉ- ପ୍ରତିଶ୍ରୁତି ରକ୍ଷା କରିବା ଏବଂ ଗୁଣାତ୍ମକ ମାନ ବଜାୟ ରଖିବା ଦ୍ୱାରା ସଫଳତା ମିଳେ। ଗତ ୩୦ ବର୍ଷର ଅଭିଜ୍ଞତା ମଧ୍ୟରେ ମୁଁ ଏହି ଶିକ୍ଷା ଲାଭ କରିଛି। ମୁଁ ସଚ୍ଚୋଟତାକୁ ସବୁବେଳେ ପ୍ରାଧାନ୍ୟ ଦେବା ସହ ଏବେ ମଧ୍ୟ ପ୍ରତିଦିନ କିଛି ନୂଆ କଥା ଶିଖୁଛି। ନୂତନ ଭାବେ ଯାତ୍ରା ଆରମ୍ଭ କରୁଥିବା ଉଦ୍ୟୋଗୀଙ୍କୁ ୨ଟି କଥା କହିବାକୁ ଚାହିଁବି। ସଫଳତା ପାଇବା ପାଇଁ କୌଣସି ଗଳାବାଟ ନାହିଁ, ତେଣୁ ହୃଦୟରୁ କଠିନ ପରିଶ୍ରମ କରିବା ଉଚିତ୍। ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବା ଏବଂ ଫଳ ପାଇଁ ଆଶା ନ ରଖି ଈଶ୍ୱରଙ୍କ ଉପରେ ସବୁକିଛି ଛାଡ଼ିଦେବା। ତେବେ ଏ କ୍ଷେତ୍ରରେ ଧୈର୍ଯ୍ୟ ରକ୍ଷା କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ।



ଏଏପି ନେତା ତଥା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ, ଦିଲ୍ଲୀ କ୍ୟାଣ୍ଟ ଏଏପି ବିଧାୟକ ବୀରେନ୍ଦ୍ର ସିଂ କାଡିଆନ୍, ଏଏପି ଓଡ଼ିଶା ସଭାପତି ନିଶିକାନ୍ତ ମହାପାତ୍ର ଶୁକ୍ରବାର ସନ୍ଧ୍ୟାରେ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନ ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କ ସହ ଆଲୋଚନା କରୁଛନ୍ତି।

# ୩୩% ଲୋକ ସଭା ଆସନରେ ମହିଳା ପ୍ରାର୍ଥୀ ଦେବ ବିଜେଡି

ଭୁବନେଶ୍ୱର,୮।୩(ଅନିଲ ଦାସ)

ନାରୀ ହିଁ ସକଳ ଶକ୍ତିର ଆଧାର। ମା' ମାନଙ୍କୁ ବାଦ୍ ଦେଇ କୌଣସି ରାଜ୍ୟ, କୌଣସି ରାଷ୍ଟ୍ର ବିକାଶ କରିପାରିବ ନାହିଁ। ଏହି କଥାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭରୁ ହୃଦ୍‌ବୋଧ କରିଛନ୍ତି। ସେଥିପାଇଁ ପରିଣାମ କଥା ଚିନ୍ତା ନ କରି ଗୋଟିଏ ପରେ ଗୋଟିଏ ସୁଚିନ୍ତିତ ପଦକ୍ଷେପ ନେଇଛନ୍ତି। ପରିଣତି ସ୍ୱରୂପ ଆଜି ଓଡ଼ିଶାର ମହିଳାମାନେ ସଶକ୍ତ ହୋଇଛନ୍ତି ଓ ସାରା ଦେଶ ପାଇଁ ମୁଖ୍ୟମନ୍ତ୍ରୀ ଉଦାହରଣ ସୃଷ୍ଟି କରିଛନ୍ତି। ଓଡ଼ିଶାର ମହିଳା ସଶକ୍ତୀକରଣ ନୀତିକୁ ଭାରତ ସରକାର କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶାର ୭୦ ଲକ୍ଷରୁ ଅଧିକ ସାଧାରଣ ମହିଳାମାନଙ୍କୁ ଉଦ୍ୟୋଗୀର ପରିଚୟ ଦେବା କିଛି କମ୍ ଆହ୍ୱାନପୂର୍ଣ୍ଣ ନ ଥିଲା। କିନ୍ତୁ ନାରୀମାନଙ୍କୁ ସେମାନଙ୍କ ଅଧିକାର ଦେବା ପାଇଁ ପଣ କରିଥିବା ମୁଖ୍ୟମନ୍ତ୍ରୀଙ୍କ ପାଦକୁ କୌଣସି ଆହ୍ୱାନ ରୋକିପାରି ନ ଥିଲା। ଗତ ଲୋକ ସଭା ନିର୍ବାଚନରେ ବିଜେଡି ୩୩% ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ଆଗାମୀ ଲୋକ ସଭା ନିର୍ବାଚନରେ ମଧ୍ୟ ୩୩% ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

ଶୁକ୍ରବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଯୋଗଦେଇ ପାଣ୍ଡିଆନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନିଜ ସରକାର ଏବଂ ଦଳରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯାନ ବିଜୁ ଜନତା ଦଳକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିଛି। ଏହି ଆନ୍ଦୋଳନର ପ୍ରଭାବ ଆଜି ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଉପଲବ୍ଧିକୁ ଦେଖିଲେ ସ୍ପଷ୍ଟ ହୋଇଯିବ। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ବିଧାନସଭାରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଦାବି କରିଥିଲେ। ଓଡ଼ିଶାର ମା' ମାନେ କିପରି ଆଗକୁ ଯିବେ ସେଥିପାଇଁ ସେ ଚିନ୍ତିତ ଥିଲେ। ଅନେକ ଲୋକଙ୍କ ବିରୋଧ ପାଇଁ ଏହି ବିଲ୍ ପାରିତ ହେବାରେ ବିଳମ୍ବ ହେଲା। ବିଜେଡିରେ ଅଧିକରୁ ଅଧିକ ମହିଳାଙ୍କୁ ଟିକଟ ଦେଇ ଜିତାଇବାକୁ ନିର୍ଦ୍ଦେଶ ଦେଲେ। ତାଙ୍କର ଏହି ଉଦ୍ୟମ ହିଁ ବିଜୁ ଜନତା ଦଳକୁ ଏକ ସାମାଜିକ ଆନ୍ଦୋଳନରେ ପରିବର୍ତ୍ତିତ କରିଛି ବୋଲି ପାଣ୍ଡିଆନ୍ କହିଛନ୍ତି।



ଶଙ୍ଖ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଜେଡି ମହିଳା ମୋର୍ଚ୍ଚାର ସଦସ୍ୟଙ୍କୁ ସମ୍ବୋଧିତ କରୁଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ଶଙ୍ଖ ଭବନରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ନାରୀ ସଶକ୍ତୀକରଣରେ ମୁଖ୍ୟମନ୍ତ୍ରୀ ସାରା ଦେଶ ପାଇଁ ଉଦାହରଣ: ପାଣ୍ଡିଆନ










## ଖର୍ଚ୍ଚ ହୋଇଛି ୧୬୭୭.୪୨ କୋଟି ଟଙ୍କା

- ବରଗଡ ଓ ସୁବର୍ଣ୍ଣପୁର ଜିଲାର ୪ ବ୍ଲକର ୧୨୯ ଗ୍ରାମରେ ହେବ ଜଳସେଚନ
- ୨୫,୬୦୦ ହେକ୍ଟରକୁ ଜଳସେଚନ ସୁବିଧା
- ଉପକୃତ ହେବେ ୩୫,୬୦୦ରୁ ଉର୍ଦ୍ଧ୍ୱ ଚାଷୀ
- ଉଭୟ ଖରିଫ ଓ ରବି ଚାଷ ପାଇଁ ନିଶ୍ଚିତ ଜଳଯୋଗାଣ
- ୩ ବର୍ଷରେ ବିଛାଯାଇଛି ୩,୧୦୦ କି.ମି ପାଇପ୍ ଲାଇନ୍

# ୪୫ ମିଟର ଉଚ୍ଚକୁ ଉଠିବ ପାଣି

## ଅତ୍ୟାଧୁନିକ ଜ୍ଞାନକୌଶଳରେ ଜଳ ପରିଚାଳନା



**ବରଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ଜଳସେଚନ ସମସ୍ୟା ଦୂର କରିବା ପାଇଁ ଲୋକଙ୍କର ହୋଇଆସୁଥିବା ଦାବି ପୂରଣ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରଥମ ବୃହତ୍ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପକୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି । ଏହି ପ୍ରକଳ୍ପରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି । ଏହାଦ୍ୱାରା ୩୫,୬୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହୋଇପାରିବେ ।**



➔ବରଗଡ଼ ଜିଲାର ମରୁଡ଼ି ପ୍ରବଣ ଅଞ୍ଚଳ ଏବଂ ବିଶେଷ କରି ବିଜେପୁର ଅଞ୍ଚଳକୁ ଜଳସେଚନ ଯୋଗାଇବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ କ୍ୟାବିନେଟ୍‌ରେ ଏକ ଉଠା ଜଳସେଚନ ପ୍ରକଳ୍ପକୁ ଅନୁମୋଦନ କରାଯାଇ ପରବର୍ତ୍ତୀ ସମୟରେ ଏହାକୁ ଗଙ୍ଗାଧର ମେହେର ଉଠାଜଳ ସେଚନ ପ୍ରକଳ୍ପ, ବିଜେପୁର ନାମରେ ନାମିତ କରାଯାଇଛି ।

➔ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲାରେ ୧,୬୭୮ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିବା ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ହେଉଛି ପ୍ରଥମ ଭୂତଳ ଚାପଯୁକ୍ତ ପାଇପ୍ ଲାଇନ୍ ବ୍ୟବସ୍ଥା । ଏହା ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରରେ ନିର୍ମିତ ହୋଇଛି । ୨୦୨୪ ଫେବୃଆରୀ ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି ।

➔ଏହି ପ୍ରକଳ୍ପ ଦ୍ୱାରା ବରଗଡ଼ ଜିଲାର ବିଜେପୁର, ସୋହେଲା ଓ ବରପାଲି ବ୍ଲକ ଏବଂ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ମରୁଡ଼ିପ୍ରବଣ ଅଞ୍ଚଳର ୧୨୯ଟିଗ୍ରାମରେ ୬୩ହଜାର ଏକର (୨୫,୬୦୦ ହେକ୍ଟର) ଜମିକୁ ଉଭୟ ଖରିଫ ଓ ରବିରେ ନିଶ୍ଚିତ ଜଳସେଚନ ସୁବିଧା ମିଳିବ । ଏହି ପ୍ରକଳ୍ପରେ ୩୫,୬୦୦ରୁ ଅଧିକ ଚାଷୀ ଉପକୃତ ହେବେ ।

➔ଜଳଭଣ୍ଡାରଭିତ୍ତିକ ପ୍ରକଳ୍ପ ହୋଇଥିବାରୁ ଚାଷୀଙ୍କ ଫସଲ ନଷ୍ଟ ହେବାର ଆଶଙ୍କା ରହିବ ନାହିଁ ।

➔ଏହି ପ୍ରକଳ୍ପରେ ଜଳସେଚନ ପାଇଁ ଜଳ ପରିଚାଳନା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଯାହା ସ୍କାଡା (ସୁପରଭାଇଜରି କଣ୍ଟ୍ରୋଲ ଏବଂ ଡାଟା ଅଧିଗ୍ରହଣ ପ୍ରଣାଳୀ) ମାଧ୍ୟମରେ ଦୂରରୁ ନିୟନ୍ତ୍ରଣ କରାଯିବ ।

➔ଏହା ରାଜ୍ୟର ପ୍ରଥମ ବୃହତ୍ ଜଳସେଚନ ପ୍ରକଳ୍ପ, ଯାହା ୩ ବର୍ଷର ରେକର୍ଡ ସମୟ ମଧ୍ୟରେ ଶେଷ ହୋଇଛି । ଏହି ପ୍ରକଳ୍ପରେ ପାଖାପାଖି ୩,୧୦୦ କିଲୋମିଟର ପାଇପ୍ ଲାଇନ୍ ବିଛାଯାଇଛି । ଏହି ପ୍ରକଳ୍ପର ମୁଖ୍ୟ ପାଇପ୍ ଲାଇନ୍ ୩ଟି ପ୍ରମୁଖ ନଦୀ ଅତିକ୍ରମ କରିଛି, ଯାହା ଜଳସମ୍ପଦ ବିଭାଗ ପାଇଁ ଏକ ବଡ଼ ଆହ୍ୱାନ ଥିଲା ।

➔ଏହି ପ୍ରକଳ୍ପ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ପରିବହନ ପାଇଁ ୧୧ ଫୁଟ ବ୍ୟାସର ପାଇପ୍ ବ୍ୟବହାର କରାଯାଇଛି, ଯାହାକି ଦେଶରେ ସର୍ବାଧିକ ଉଚ୍ଚତାରେ ରହିଥିବା ପ୍ରକଳ୍ପ ମଧ୍ୟରୁ ଅନ୍ୟତମ । ଜଳସେଚନ ପାଇଁ ପାଖାପାଖି ୪୫ ମିଟର ଉଚ୍ଚକୁ ପାଣି ଉଠାଯିବ ।

➔ଏହି ପ୍ରକଳ୍ପ ଅତ୍ୟନ୍ତ ଜଳ ଦକ୍ଷ ଏବଂ ସମଗ୍ର ପ୍ରକଳ୍ପ ଅଣୁ ଜଳସେଚନ ସକ୍ଷମ ହୋଇଥିବାରୁ ଚାଷୀମାନେ ଉଭୟ ଖରିଫ ଓ ରବି ଋତୁରେ ଅର୍ଥକରୀ ଫସଲ ଏବଂ ଉଦ୍ୟାନ କୃଷି ଫସଲ ପରିପାରିବେ । ଏହା ବ୍ୟତୀତ, ପ୍ରକଳ୍ପ କମାଣ୍ଡ ଅଞ୍ଚଳର ୩୦ ପ୍ରତିଶତ (ପ୍ରାୟ ୧୯ ହଜାର ଏକର) କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାରେ ସଜ୍ଜିତ ହୋଇଛି ।

➔ପ୍ରତି ୧ ହେକ୍ଟର ଚକରେ ବହିଃ ନିର୍ଗମନ ପଥ (ଆଉଟଲେଟ୍) ଯୋଗାଇ ଦିଆଯାଇଥିବାରୁ ପ୍ରତ୍ୟେକ କ୍ଷେତକୁ ସମାନ ଭାବରେ ପାଣି ମିଳିବ ।

“ବରଗଡ଼ ଜିଲା ପାଇଁ ଆମ ରାଜ୍ୟ ଗର୍ବିତ । ଆଜି ଓଡ଼ିଶା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାରା ଦେଶକୁ ଖାଦ୍ୟ ଯୋଗାଉଛି । ଏଥିରେ ବରଗଡ଼ ଜିଲାର ଚାଷୀମାନଙ୍କ ବହୁତ ବଡ଼ ଅବଦାନ ରହିଛି । ଗଙ୍ଗାଧର ମେହେର ଜଳସେଚନ ଜରିଆରେ ଜିଲାର ଚାଷ ଜମିକୁ ପାଣି ଯୋଗାଣ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ବରଗଡ଼ ଜିଲାର ୩ଟି ବ୍ଲକ ସମେତ ସୁବର୍ଣ୍ଣପୁର ଜିଲାର ଗୋଟିଏ ବ୍ଲକକୁ ୬୦ହଜାର ଏକରରୁ ଅଧିକ ଜମିକୁ ପାଣି ଯିବ । ବରଗଡ଼ ଜିଲାର ସୋହେଲା, ବରପାଲି, ବିଜେପୁର, ସୋନପୁର ଜିଲାର ଡୁଙ୍ଗୁରିପାଲିର ଚାଷୀମାନେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ । ରାଜ୍ୟରେ ୫–ଟି ଉପକ୍ରମରେ ବଡ଼ ବଡ଼ ଜଳସେଚନ ପ୍ରକଳ୍ପ ଠିକ୍ ସମୟରେ ଶେଷ ହେଉଛି । ସମସ୍ତଙ୍କ ସହଯୋଗରେ ଓଡ଼ିଶାରେ ଆଜି ରୂପାନ୍ତର ଆସିଛି ଏବଂ ଏହି ଧାରା ଆଗକୁ ମଧ୍ୟ ବଢ଼ିବ ।



– ନବୀନ ପଟ୍ଟନାୟକ,
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପ୍ରକଳ୍ପର ପ୍ରମୁଖ ବୈଶିଷ୍ଟ୍ୟ

- ଏହା ଏକ ଚାପଯୁକ୍ତ ଭୂତଳ ପାଇପପାଇନ୍ ପ୍ରକଳ୍ପ, ଯେଉଁଥିରେ ହୀରାକୁଦ ଜଳଭଣ୍ଡାରରୁ ବରଗଡ଼ ମୁଖ୍ୟ କେନାଲର ଆର୍‌ଡି ୦.୦୦କିଲୋମିଟରସ୍ଥିତ ରେଙ୍ଗାଲି, ଡୁରୁଙ୍ଗା ଓ କନାପାଲିଠାରେ ୩ଟି ପମ୍ପ ହାଉସ ଦ୍ୱାରା ପମ୍ପିଂ ଯୋଗେ ପାଣି ଉଠାଯାଇ ଏହାପରେ ଆୟକଟ ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା କରାଯାଇଛି ।
- ବରଗଡ଼ ମୁଖ୍ୟ କେନାଲର ଆର୍‌ଡି ୦.୦୦କି.ମି. ଠାରେ ୧୭୯.୮୩୦ ମିଟର ପୂର୍ଣ୍ଣ ଜଳଯୋଗାଣସ୍ତର(ଏଫ୍‌ଏସ୍‌ଏଲ୍) ଠାରୁ ପାଣି ଉଠାଯାଇ ସର୍ବୋଚ୍ଚ ଉଚ୍ଚତାରେ ରହିଥିବା ୨୨୪.୦୦ ମିଟର ଆୟାକଟ ଅଞ୍ଚଳକୁ ଜଳଯୋଗାଣ ବ୍ୟବସ୍ଥା ହୋଇଛି । ଏହାଦ୍ୱାରା ପାଖାପାଖି ୪୫ମିଟର ଉଚ୍ଚତା ପର୍ଯ୍ୟନ୍ତ ପାଣି ଉଠାଯିବାର ବ୍ୟବସ୍ଥା କରାଯାଇଛି ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ ସମୟରେ ପ୍ରକଳ୍ପ କାର୍ଯ୍ୟକ୍ରମର ନକ୍ସା ଅନୁଧ୍ୟାନ କରୁଛନ୍ତି । ନିକଟରେ ଅଛନ୍ତି ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ



କୋଭିଡ୍ ମହାମାରୀ ସମୟରେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ତଦାରଖ ।






୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।




# ମାତୃଭାଷାରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ

## ଆଇଆଇଟି ଇନ୍ଦୋରର ନବସୃଜନ, ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟମିତା ଅନୁଭୂତିମୂଳକ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୮।୩
(ଶର୍ମିଷ୍ଠା ପାଣିଗ୍ରାହୀ)

ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଅଧିକ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଶୁକ୍ରବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଉଜ୍ଜୟିନୀ ଆଇଆଇଟି ଇନ୍ଦୋରର ଇନୋଭେଶନ, ଟେକ୍ନୋଲୋଜି ଏବଂ ଉଦ୍ୟମିତା ଅନୁଭୂତିମୂଳକ ଶିକ୍ଷାକେନ୍ଦ୍ରକୁ ଉଦଘାଟନ କରିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି ଶିକ୍ଷା କେନ୍ଦ୍ର ଉଦଘାଟିତ ହୋଇଛି। ପ୍ରଧାନ କହିଛନ୍ତି, ଉଜ୍ଜୟିନୀ ଆଷ୍ଟ୍ରୋନୋମି ଜ୍ଞାନ ଓ ଭାରତୀୟ ଜ୍ଞାନ ପରମ୍ପରାର ଏକ ମହାନ କେନ୍ଦ୍ର। ଆଧୁନିକ ଆଷ୍ଟ୍ରୋନୋମିର ଏକ ପ୍ରମୁଖ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଇଆଇଟି ଇନ୍ଦୋର ଉଜ୍ଜୈନରେ


ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏକ ଲାବରୋଟାରି କମ୍ପ୍ଲେକ୍ସ ସ୍ଥାପନ କରିଛି। ବିଜ୍ଞାନକୁ ମୂଳଭାଗରୁ ପୁନଃସ୍ଥାପନ କରିବା ଦିଗରେ ବିଶ୍ୱକୁ ଏହା ଭାରତର ଅବଦାନ ରହିବ। ଆଜିର ପଦକ୍ଷେପ ମଧ୍ୟପ୍ରଦେଶରେ ବୈଷୟିକ ଶିକ୍ଷାକୁ ବଡ଼ ଗତି ଦେବ। ଉଦ୍ଭାବନ ଆମ ଡିଏନଏରେ ଅଛି। କ୍ରିଟିକାଲ ଥିଙ୍କିଂର ବିକାଶ ପାଇଁ ଆମକୁ ମାତୃଭାଷାରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଭାରତ ଏବଂ ମଧ୍ୟପ୍ରଦେଶ ମୂଳ ସହ ଯୋଡ଼ି ହୋଇ ଭବିଷ୍ୟତ ଜ୍ଞାନର ଏକ କେନ୍ଦ୍ରରେ ପରିଣତ ହେବ ବୋଲି ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

# ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସମୀକ୍ଷାକଲେ ଇସି

ନୂଆଦିଲ୍ଲୀ,୮।୩(ପି.ଟି.)

ଲୋକ ସଭା ନର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ନିର୍ବାଚନ କମିଶନ (ଇସି) ଶୁକ୍ରବାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସାରା ଦେଶରେ ସୁରକ୍ଷା ବଳ ମୁତୟନ ଓ ସେମାନଙ୍କ ପରିବହନ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ରେଲୱେର ଶୀର୍ଷ ଅଧିକାରୀଙ୍କ ସହ ଇସି ଆଲୋଚନା କରିଛନ୍ତି। ଏହି ବୈଠକରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର, ନିର୍ବାଚନ କମିଶନର ଅରୁଣ ଗୋଏଲ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମାଓବାଦୀ ଉପଦ୍ରୁତ ଅଞ୍ଚଳ ତଥା ଅଗମ୍ୟ ଅଞ୍ଚଳକୁ ସୁରକ୍ଷା ବଳ ପ୍ରେରଣ ଲାଗି ଆବଶ୍ୟକ ସଂଖ୍ୟକ ହେଲିକପ୍ଟର ଯୋଗାଇଦେବାକୁ ଇସି କହିଥିଲେ। ସେହିପରି ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଏବଂ ଅରୁଣାଚଳପ୍ରଦେଶ ବିଧାନସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀରରେ ବିଧାନସଭା ଭୋଟ କରାଇବା ସମ୍ଭାବନା ଉପରେ ମଧ୍ୟ ଇସି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଆଲୋଚନା କରିଥିବା ଜଣାପଡ଼ିଛି।

# ଆଜି ନିଯୁକ୍ତ ହେବେ ୧୨୯୪ ଅଧିକାରୀ

ଭୁବନେଶ୍ୱର,୮।୩(ଅନିଲଦାସ)

ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଗୃହ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନ ସମ୍ମିଳନୀ କକ୍ଷ ଏବଂ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନିଯୁକ୍ତି ପର୍ବରେ ସେହି କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀଙ୍କୁ ଦିଗ୍‌ଦର୍ଶନ ଦେବେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ ରହିବେ।

# ପାରାଦୀପ ବନ୍ଦର ବାଟେ ବିଶ୍ୱସ୍ତରୀୟ କଣ୍ଟେନର ସର୍ଭିସ୍ ଆରମ୍ଭ

■ ପ୍ରଥମକରି ଓଡ଼ିଶା ସରକାର ପଣ୍ୟ କାରବାର କ୍ଷେତ୍ରରେ ନିବେଶ କଲେ



ପାରାଦୀପ,୮।୩(ଶରତ ରାଉତ)

ପାରାଦୀପ ବନ୍ଦର ବାଟେ ଶୁକ୍ରବାର ବିଶ୍ୱସ୍ତରୀୟ କଣ୍ଟେନର ପଣ୍ୟ କାରବାର ଆରମ୍ଭ ହୋଇଛି। ଏନେଇ ପାରାଦୀପ ବନ୍ଦର ଏବଂ ଓଡ଼ିଶା ସରକାରଙ୍କ ସହ ବିଶ୍ୱର ସର୍ବବୃହତ ଭୂମଧ୍ୟସାଗରୀୟ ଶିପିଂ କମ୍ପାନୀ ଏମ୍‌ଏସ୍‌ସି (ମେଡିଟାରାନ ଶିପିଂ କମ୍ପାନୀ) ବୁଝାମଣାପତ୍ର କରିଛି। ପ୍ରଥମଥର ପାଇଁ ପଣ୍ୟ କାରବାରରେ ଓଡ଼ିଶା ସରକାରଙ୍କ ଭାଗୀଦାରି ହୋଇଛି। କମ୍ପାନୀ ଜାହାଜ ଏମ୍‌ଭି ଟାଇଗର ଏଫ୍ ମେଡରେ ୨୫୦ଟି କଣ୍ଟେନର ବୋଝେଇ ହୋଇ ରାତି ୯ଟାରେ କଲିକତା ବନ୍ଦର ଦେଇ କଲମ୍ବୋ ଯାତ୍ରା କରିଛି। ବିଶାଖାପାଟଣା ବନ୍ଦର ଦେଇ ପାରାଦୀପ ଫେରିବ। ଏମିତି ମାସକୁ ୩ ଥର ଯାତାୟାତ କରିବ। ୧୫୪.୫୫ ମିଟର ଲମ୍ବ ଓ ୨୫.୨୧ ମିଟର ପ୍ରସ୍ଥ ବିଶିଷ୍ଟ ଏମ୍‌ଭି ଟାଇଗରରେ ପ୍ରଥମ ପର୍ଯ୍ୟାୟରେ ବେଦାନ୍ତ କମ୍ପାନୀର ୯୦ ଏବଂ ଜିନ୍ଦଲ ଷ୍ଟିଲ କମ୍ପାନୀର ୩୬ଟି ଆଲୁମିନିୟମ କଣ୍ଟେନର ବୋଝେଇ ହୋଇଛି। କଣ୍ଟେନର ସର୍ଭିସ କ୍ଷେତ୍ରରେ ପ୍ରଥମକରି ଓଡ଼ିଶା ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ବିଭାଗ (ଏମ୍‌ଏସ୍‌ଏମ୍‌ଇ) ପକ୍ଷରୁ ଏହି ସେବା ପ୍ରଦାନ କରାଯାଇଛି।

ରାଜ୍ୟରେ ଥିବା କମ୍ପାନୀଗୁଡ଼ିକ ଆଉ ଅନ୍ୟ ରାଜ୍ୟ ବନ୍ଦର ଉପରେ ନିର୍ଭରଶୀଳ ହେବେନାହିଁ ବୋଲି ଏମ୍‌ଏସ୍‌ଏମଇ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି। ଏପରି କଣ୍ଟେନର ସେବା ଜରିଆରେ ଯେଉଁ କମ୍ପାନୀଗୁଡ଼ିକ ପାରାଦୀପ ବନ୍ଦର ବାଟେ କାରବାର କରିବେ ସେମାନଙ୍କୁ ବନ୍ଦର ପ୍ରଶାସନ ୭୫% ରିହାତି ଦେବ। କାର୍ଯ୍ୟକ୍ରମରେ ପିଆଇସିଟି ବର୍ଥ ପାଖରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ, ଏମ୍‌ଏସଏମଇ ସଚିବ ମିଶ୍ର, ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତାଙ୍କ ସମେତ ଅନ୍ୟ ଅଧିକାରୀ, କମ୍ପାନୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ହାରାନ୍ଧ କହିଥିଲେ, ପାରାଦୀପ ବନ୍ଦର ୧୯୬୭ରୁ। କେବଳ ଲୁହାପଥର, କୋଇଲା, ଅଶୋଧିତ ତୈଳ ଆମଦାନୀ ରପ୍ତାନି କରୁଥିଲା। ଏବେ ସବୁପ୍ରକାର ପଣ୍ୟ କାରବାର ହୋଇପାରିବ। ଓଡ଼ିଶାର କମ୍ପାନୀଗୁଡ଼ିକ ଧାର୍ଯ୍ୟ ପଣ୍ୟ ବୋଝେଇ କରିବାରେ ଅସମର୍ଥ ହେଲେ ତାକୁ ରାଜ୍ୟ ସରକାର ଭରଣା କରିବେ।



# କଳାହାଣ୍ଡି ଜିଲ୍ଲା



ସହର ଏବଂ ଗ୍ରାମାଞ୍ଚଳ ମଧ୍ୟରେ ବିଭେଦ ଦୂର କରିବାର ପ୍ରୟାସ ଲକ୍ଷ୍ୟରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି। ଏହିକ୍ରମରେ ୨୦୨୩ ନଭେମ୍ବର ୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ। ଜିଲାର ୧୩ ବ୍ଲକର ସବୁ ଗ୍ରାମ ପଞ୍ଚାୟତକୁ ସଂଯୋଗ କରିବା ପାଇଁ ୬୩ଟି ବସ୍‌ର ଶୁଭାରମ୍ଭ କରିଥିଲେ।

## ଭବାନୀପାଟଣା ବ୍ଲକ

## ଧର୍ମଗଡ଼ ବ୍ଲକ

## ଗୋଲାମୁଣ୍ଡା ବ୍ଲକ

## ଜୟପାଟଣା ବ୍ଲକ

## ଜୁନାଗଡ଼ ବ୍ଲକ

## କଳାମପୁର ବ୍ଲକ

## କର୍ଲାମୁଣ୍ଡା ବ୍ଲକ

## କେସିଙ୍ଗା ବ୍ଲକ

## କୋକସରା ବ୍ଲକ

ରୁଟ୍ କୋଡ୍: କେଏଲ୨୦୨ | ଏସି

କୋକସରା ⇆ ଭବାନୀପାଟଣା

| ବସ୍ ଷ୍ଟପ୍ | ଟ୍ରିପ୍ ୧ ଆଗମନ | ଟ୍ରିପ୍ ୧ ପ୍ରସ୍ଥାନ | ଟ୍ରିପ୍ ୨ ଆଗମନ | ଟ୍ରିପ୍ ୨ ପ୍ରସ୍ଥାନ |
|---|---|---|---|---|
| କୋକସରା | -- | ୮:୦୦ | — | ୨:୦୦ |
| ମୋଟେର | ୮:୧୪ | ୮:୧୭ | ୨:୧୪ | ୨:୧୭ |
| ଚାରବାହାଲ | ୮:୨୧ | ୮:୨୪ | ୨:୨୧ | ୨:୨୪ |
| କାଲାପୋଲ | ୮:୨୯ | ୮:୩୨ | ୨:୨୯ | ୨:୩୨ |
| ବଲଦିଆମାଲ | ୮:୪୭ | ୮:୫୦ | ୨:୪୭ | ୨:୫୦ |
| ଜୁନାଗଡ଼ | ୮:୫୭ | ୯:୦୦ | ୨:୫୭ | ୩:୦୦ |
| ତାଳଜାରିଙ୍ଗ | ୯:୧୩ | ୯:୧୬ | ୩:୧୩ | ୩:୧୬ |
| ବାଦଲି | ୯:୨୪ | ୯:୨୭ | ୩:୨୪ | ୩:୨୭ |
| ଭବାନୀପାଟଣା | ୯:୪୨ | — | ୩:୪୨ | — |

ରୁଟ୍ କୋଡ୍: କେଏଲ୨୦୨ | ଏସି

ଭବାନୀପାଟଣା ⇆ କୋକସରା

| ବସ୍ ଷ୍ଟପ୍ | ଟ୍ରିପ୍ ୧ ଆଗମନ | ଟ୍ରିପ୍ ୧ ପ୍ରସ୍ଥାନ | ଟ୍ରିପ୍ ୨ ଆଗମନ | ଟ୍ରିପ୍ ୨ ପ୍ରସ୍ଥାନ |
|---|---|---|---|---|
| ଭବାନୀପାଟଣା | -- | ୧୦:୨୦ | — | ୪:୨୦ |
| ବାଦଲି | ୧୦:୩୫ | ୧୦:୩୮ | ୪:୩୫ | ୪:୩୮ |
| ତାଳଜାରିଙ୍ଗ | ୧୦:୪୬ | ୧୦:୪୯ | ୪:୪୬ | ୪:୪୯ |
| ଜୁନାଗଡ଼ | ୧୧:୦୨ | ୧୧:୦୫ | ୫:୦୨ | ୫:୦୫ |
| ବଲଦିଆମାଲ | ୧୧:୧୨ | ୧୧:୧୫ | ୫:୧୨ | ୫:୧୫ |
| କାଲାପୋଲ | ୧୧:୩୦ | ୧୧:୩୩ | ୫:୩୦ | ୫:୩୩ |
| ଚାରବାହାଲ | ୧୧:୩୮ | ୧୧:୪୧ | ୫:୩୮ | ୫:୪୧ |
| ମୋଟେର | ୧୧:୪୫ | ୧୧:୪୮ | ୫:୪୫ | ୫:୪୮ |
| କୋକସରା | ୧୨:୦୨ | — | ୬:୦୨ | — |

## ଲାଞ୍ଜିଗଡ଼ ବ୍ଲକ

ରୁଟ୍ କୋଡ୍: କେଏଲ୍ ୦୩୫ | ନନ୍-ଏସି

ବିଶ୍ୱନାଥପୁର ⇆ ବେନଗାଁ

ରୁଟ୍ କୋଡ୍: କେଏଲ୍ ୦୩୫ | ନନ୍-ଏସି

ବେନଗାଁ ⇆ ବିଶ୍ୱନାଥପୁର

## ଏମ୍.ରାମପୁର ବ୍ଲକ

## ନର୍ଲା ବ୍ଲକ

## ଥୁଆମୂଳ ବ୍ଲକ



ମହାଶିବରାତ୍ରି ଅବସରରେ ଶୁକ୍ରବାର ଶ୍ରୀ ଲିଙ୍ଗରାଜ ମନ୍ଦିରକୁ ଆଲୋକମାଳାରେ ସଜା ଯାଇଛି।



ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି।



୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସହ ତାଙ୍କ ସ୍ତ୍ରୀ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ସୁଜାତା ରାଉତ କାର୍ତ୍ତିକେୟନ ଶ୍ରୀ ଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି।

# ୧୦ଟା ୧୭ରେ ଉଠିଲା ମହାଦୀପ

ପୁରୁଣା ଭୁବନେଶ୍ୱର,୮।୩(ସୁବାସ ଚନ୍ଦ୍ର ପ୍ରଧାନ)

ମହାଶିବରାତ୍ରି ଲାଗି ଶୁକ୍ରବାର ଏକାମ୍ର କ୍ଷେତ୍ର ଭକ୍ତିମୟ ହୋଇଉଠିଥିଲା। ଏଥିମଧ୍ୟରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗରଯାତ୍ରା ସମ୍ପନ୍ନ ହୋଇଛି। ଏଥର ନିର୍ଦ୍ଧାରିତ ସମୟରେ ଅର୍ଥାତ୍ ରାତି ୧୦ଟା ୧୭ରେ ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରିଥିଲେ। ମନ୍ଦିର ପ୍ରଶାସନର ନୀତିନିର୍ଘଣ୍ଟ ଅନୁଯାୟୀ ଭୋର ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରଠାରୁ ସାହାଣମେଲା ଦର୍ଶନ ଚାଲିଥିଲା। ପ୍ରଥମେ ସେବାୟତଙ୍କ ପରିବାର ଉତ୍ତର ଦ୍ୱାର ପଟେ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ପରେ

## ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା

ଧାଡ଼ିରେ ଥିବା ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଓ ଭିଭିଆଇପି ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶକରି ଆଡ଼କାଠରେ ଠାକୁରଙ୍କୁ ଦର୍ଶନ କରିଥିଲେ। ସକାଳ ୬ଟା ୧୫ରେ ରୋଷହୋମ କରାଯାଇଥିଲା। ପରେ ଛାମୁ ପରିଷ୍କାର, ମାଘସ୍ନାନ ଦିଆଯାଇ ଅନ୍ୟାନ୍ୟ ନୀତି ହୋଇଥିଲା। ମନ୍ଦିର ବେଢ଼ା ଓ ବାହାରେ ପୂର୍ବାହ୍ନରୁ ବିଳମ୍ବିତ ରାତି ଯାଏ ଚାଲିଥିଲା 'ଓଁ ନମଃ ଶିବାୟ' ମନ୍ତ୍ର ଉଚ୍ଚାରଣ। ସନ୍ଧ୍ୟାରେ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ଦୀପ ଜାଳି ଶିବ ଆରାଧନାରେ ନିଜକୁ ହଜାଇ ଦେଇଥିଲେ। ସନ୍ଧ୍ୟାରେ ଠାକୁରଙ୍କ ମାଜଣା ଓ ବେଶ ପରେ ଯାତ୍ରାପୂଜାରେ ବେଢ଼ା କରାଯାଇଥିଲା। ଏହାପରେ ବିନ୍ଦୁସାଗରରୁ ତୀର୍ଥଜଳ ଆସିଥିଲା। ରାତି ପ୍ରାୟ ୧୦ଟା ୦୬ରେ ସେବାୟତମାନେ ମହାଦୀପ ଧରି ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ସମର୍ଥା ସେବାୟତ ଯୋଗେନ୍ଦ୍ର ସମର୍ଥା ମହାଦୀପ ଧରି ମନ୍ଦିର ଚୂଡ଼ାକୁ ଉଠିଥିଲେ। ତାଙ୍କ ସହିତ ଅନ୍ୟ ସମର୍ଥା ସେବାୟତ ମଧ୍ୟ ମନ୍ଦିର ଉପରକୁ ଉଠିଥିଲେ। ଚୂଡ଼ାରେ କଳସ ପରିକ୍ରମା ପରେ ରାତି ୧୦ଟା ୧୭ରେ ମହାଦୀପ ସ୍ଥାପନ କରାଯାଇଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହର ହର ମହାଦେବ ଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହୋଇଉଠିଥିଲା।

# ମନ ମେରା ମନ୍ଦିର ଶିବ ମେରି ପୂଜା...

ପୁରୁଣା ଭୁବନେଶ୍ୱର,୮।୩(ସୁବାସ ଚନ୍ଦ୍ର ପ୍ରଧାନ)

ଜାଗର ଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଥିଲା ଏକାମ୍ର କ୍ଷେତ୍ର। ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ନିର୍ମିତ ଅସ୍ଥାୟୀ ମଣ୍ଡପରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଜାତୀୟସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ପ୍ରାତଃରୁ ଶଙ୍ଖଧ୍ୱନି, ଶିବ ସହସ୍ର ନାମ, ଶିବ ଚେତନା ଓ ପ୍ରବଚନ ସମାରୋହ ହୋଇଥିଲା। ଭଜନ ସନ୍ଧ୍ୟାରେ ସୁନାମଧନ୍ୟା ଗାୟିକା ଅନୁରାଧା ପୌଡୱାଲ 'ମନ ମେରା ମନ୍ଦିର ଶିବ ମେରି ପୂଜା'ରୁ ଭଜନ ଆରମ୍ଭ କରିଥିଲେ। ପରେ ଓଡ଼ିଆ ଭଜନ ମନ ମୟୂରୀ, କେରି କେରି ସୁନା ଦୂବ ପରିବେଷଣ କରିଥିଲେ। ସେହିପରି ଗାୟିକା ପୁନମ ଭାଟିଆ, ବର୍ଦ୍ଧାନ ସିଂ ଭଜନ ପରିବେଷଣ କରିଥିଲେ। ପରେ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ଗାୟିକା ଗାୟକମାନେ ଭଜନ ପରିବେଷଣ



ବଲିଉଡ୍ କଣ୍ଠଶିଳ୍ପୀ ପୁନମ ଭାଟିଆ ଭଜନ ପରିବେଷଣ କରୁଛନ୍ତି।

କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୫ଜଣଙ୍କୁ 'ଏକାମ୍ର ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା

## ୧୫ ଜଣଙ୍କୁ 'ଏକାମ୍ର ଶ୍ରୀ' ସମ୍ମାନ

ଯୋଗଦେଇଥିଲେ। ସେହିପରି ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ନେତା ବାବୁ ସିଂ, ବିଜେଡି ନେତା ଅରୂପ ପଟ୍ଟନାୟକ, ସଂଗ୍ରାମ କେଶରୀ ପାଇକରାୟ, ମେୟର ସୁଲୋଚନା ଦାସ, କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ରଙ୍କ ସମେତ ପ୍ରମୁଖ କର୍ପୋରେଟର ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରତିକାନ୍ତ ମହାସୁଆର, ବାବନ ମହାପାତ୍ର, ବିଶ୍ୱନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ୍, ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଅନୁଷ୍ଠିତ ଜାତୀୟସ୍ତରୀୟ ଭଜନ ସମାରୋହରେ ବଲିଉଡ୍ କଣ୍ଠଶିଳ୍ପୀ ଅନୁରାଧା ପୌଡୱାଲ, ପୁନମ ଭାଟିଆ, ବର୍ଦ୍ଧାନ ସିଂଙ୍କ ସମେତ ଅନ୍ୟ ଅତିଥିମାନେ।

# ସକାଳେ ଠାକୁର ଦର୍ଶନ, ସନ୍ଧ୍ୟାରେ ଜାଗର ଜାଳିଲେ



ଚିନ୍ତାମଣିଶ୍ୱର ମନ୍ଦିରରେ ଦୀପ ଜଳାଯାଉଛି।

ଭୁବନେଶ୍ୱର,୮।୩(ଶର୍ମିଷ୍ଠା ପାଣିଗ୍ରାହୀ)

ମହାଶିବରାତ୍ରି ଓ ଜାଗରଯାତ୍ରା ପାଇଁ ରାଜଧାନୀ ଭୁବନେଶ୍ୱରର ଶୈବପୀଠଗୁଡ଼ିକ ଶୁକ୍ରବାର ସକାଳୁ ରାତି ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଉଠିଥିଲା। ଏଥିପାଇଁ ସବୁଠି ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଓଁ ନମଃ ଶିବାୟ ମନ୍ତ୍ରରେ ପ୍ରକମ୍ପିତ ହୋଇ ଉଠିଥିଲା ମନ୍ଦିର ପରିବେଶ। ସକାଳେ ଶ୍ରଦ୍ଧାଳୁମାନେ ମନ୍ଦିର ଯାଇ ଶିବଙ୍କୁ ପୂଜା କରିଥିଲେ। ସନ୍ଧ୍ୟାରେ ଦୀପ ଜଳାଇ ମହାଦୀପ ଉଠିବା ପର୍ଯ୍ୟନ୍ତ ଶିବଙ୍କ ଆରାଧନ କରିଥିଲେ ଭକ୍ତ। କେତେକ ଶୈବପୀଠରେ ଭକ୍ତମାନେ ରାତି ଉଜାଗର ରହିଥିବା ଦେଖିବାକୁ ମିଳିଥିଲା। ଶିବ ଭକ୍ତିରେ ବିଶେଷକରି ଏକାମ୍ର କ୍ଷେତ୍ର ଉଚ୍ଛୁଳି ଉଠିଥିଲା। ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର, କପିଳେଶ୍ୱର, ମେଘେଶ୍ୱର, ମୁକ୍ତେଶ୍ୱର, କେଦାରଗୌରୀ, ବ୍ରହ୍ମେଶ୍ୱର, ନୀଳକଣ୍ଠେଶ୍ୱର, ଭାସ୍କରେଶ୍ୱରଙ୍କ ସମେତ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ମହାଦୀପ ଉଠିଥିଲା। ଭାସ୍କରେଶ୍ୱର ମନ୍ଦିରରେ ୧୦ଟା ୧୫ରେ ମହାଦୀପ ଉଠିଥିଲା। ଏଠାରେ ଭୋର ୩ଟା ୩୦ରେ ମଙ୍ଗଳ ଆଳତି, ସକାଳ ୭ଟାରେ କର୍ପୂର ଆଳତି ଏବଂ ଅପରାହ୍ନ ୧ଟା ୩୦ରେ ରୁଦ୍ରାଭିଷେକ ହୋଇଥିଲା। ସନ୍ଧ୍ୟା ୬ଟା ୩୦ରେ ଭଜନ ସମାରୋହ ଓ ରାତି ୧୦ଟା ୩୦ରେ ପ୍ରସାଦ ସେବନ କରି ଭକ୍ତମାନେ ଘରକୁ ଫେରିଥିଲେ। ବ୍ରହ୍ମେଶ୍ୱର ମନ୍ଦିରରେ ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କପିଳେଶ୍ୱର ମନ୍ଦିରରେ ୯ଟା ୫୬ରେ ମହାଦୀପ ଉଠିଥିଲା। ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସରିବା ପରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଏକାମ୍ର କ୍ଷେତ୍ର ବ୍ୟତୀତ ରାଜଧାନୀର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଭକ୍ତଙ୍କ ଗହଳି ଲାଗି ରହିଥିଲା।



ମହାଶିବରାତ୍ରି ପାଇଁ ପୁରୁଣାଭୁବନେଶ୍ୱର ସ୍ଥିତ ଭାସ୍କରେଶ୍ୱର ମନ୍ଦିର ଫୁଲରେ ସଜା ଯାଇଛି।



ପୁରୀ: ପ୍ରଭୁ ଶ୍ରୀ ଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଯୁବତୀଙ୍କୁ ନିଶା ଦେଇ ବଳାତ୍କାର, ବ୍ଲାକମେଲ୍

ଭୁବନେଶ୍ୱର,୮।୩(ସତ୍ୟଜିତ୍ ରାଉତ)

ଯୁବତୀଙ୍କୁ ନିଶା ଦେଇ ବଳାତ୍କାର କଲେ। ପରେ ସେହି ସମୟର ଫଟୋ ଓ ଭିଡିଓ ଭାଇରାଲ କରିଦେବାର ଧମକ ଦେଇ ୩ ଲକ୍ଷ ଟଙ୍କା ନେଇଗଲେ। ପୀଡିତାଙ୍କ ଏସବୁ ଅଭିଯୋଗକୁ ଭୁବନେଶ୍ୱର ମହିଳା ଥାନା ପୋଲିସ ଗୁରୁତ୍ୱର ସହ ନେଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗରରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଥାନା ବେହେରା ଗାଁର ହିମାଂଶୁ ବେହେରା ଓରଫ ଟିକୁ (୨୭)। ଶୁକ୍ରବାର ହିମାଂଶୁଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏତଲା ଅନୁଯାୟୀ, ପୀଡିତା ଯୁବତୀ ଓ ଅଭିଯୁକ୍ତ ହିମାଂଶୁ ପରସ୍ପର ପିଲାଦିନର ବନ୍ଧୁ। ୨୦୧୯ରେ ପୀଡିତାଙ୍କ ବାପାଙ୍କର ମୃତ୍ୟୁ ହେବା ପରେ ହିମାଂଶୁ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ହେଲେ ଏହି

## ଅଭିଯୁକ୍ତଙ୍କୁ ଗିରଫ କଲା ମହିଳା ଥାନା ପୋଲିସ



ହିମାଂଶୁ ବେହେରା

ପ୍ରସ୍ତାବକୁ ପୀଡିତା ପ୍ରତ୍ୟାଖାନ କରିଥିଲେ। ପରବର୍ତ୍ତୀ ସମୟରେ ପୀଡିତାଙ୍କ ସହ ଫୋନ୍‌ରେ କଥା ହୋଇ ସମ୍ପର୍କ ବଢ଼ାଇଥିଲେ। ପୀଡିତା ଜଣକ ଭୁବନେଶ୍ୱର ଲୁମ୍ବିନିବିହାରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଷ୍ଟାଫନର୍ସ ଭାବେ ଚାକିରି କରି ହଷ୍ଟେଲରେ ରହୁଥିଲେ। ହିମାଂଶୁ ଭୁବନେଶ୍ୱର ଆସି ପୀଡିତା ଯୁବତୀଙ୍କୁ ବରମୁଣ୍ଡାକୁ ଡାକିଦେଖା କରିଥିଲେ। କିଛିଦିନ ପରେ ହିମାଂଶୁ ତାଙ୍କୁ କଳିଙ୍ଗବିହାରସ୍ଥିତ ନିଜ ଘରକୁ ଡାକିଥିଲେ। ଯୁବତୀ ଜଣକ ୨୦୨୩ ଏପ୍ରିଲ ୨୨ରେ ହିମାଂଶୁଙ୍କ ଘରକୁ ଯାଇଥିଲେ। ଏହି ସମୟରେ ହିମାଂଶୁ ତାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ବଳାତ୍କାର କରିବା ସହ ଫଟୋ ଓ ଭିଡିଓ ଉତ୍ତୋଳନ କରିନେଇଥିଲେ। ପରେ ଉକ୍ତ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇ ତାଙ୍କଠାରୁ ୩ ଲକ୍ଷ ଟଙ୍କା ନେଇଯାଇଥିଲେ। ଏପରିକି ପରବର୍ତ୍ତୀ ସମୟରେ ଅର୍ଥାତ୍ ମାର୍ଚ୍ଚ ୨୨ରେ ଉକ୍ତ ଘରୋଇ ହସ୍ପିଟାଲକୁ ଯାଇ ହିମାଂଶୁ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ପୀଡିତାଙ୍କ ଅଭିଯୋଗ ପରେ ମହିଳା ଥାନା ପୋଲିସ ଗତ ଫେବୃଆରୀ ୨୪ରେ ଏକ ମାମଲା (ନଂ.୪୨/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ଟିକାବାଲି ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତ ହିମାଂଶୁଙ୍କୁ ଗିରଫ କରି ଭୁବନେଶ୍ୱର ଆଣିଥିଲା।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶ୍ୟାମସୁନ୍ଦର



@ ପ୍ରତିମା



@ ପ୍ରଦୀପ୍ତ



@ ତରୁଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଇପିଏଫ୍‌ଓ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ



ଭୁବନେଶ୍ୱର,୮।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱରସ୍ଥିତ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍‌ଓ) ଆଞ୍ଚଳିକ କାର୍ଯ୍ୟାଳୟଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି କମିଶନର ଉମା ମଣ୍ଡଳ ଯୋଗଦେଇ କହିଲେ, ନାରୀଟିଏ ଅନ୍ୟ ନାରୀ ପାଇଁ ସବୁବେଳେ ରହିବା ଆବଶ୍ୟକ। ଜଣେ ଅନ୍ୟ ଜଣଙ୍କୁ ସହଯୋଗ କଲେ ହିଁ ପରସ୍ପର ବିକାଶ ହୋଇପାରିବ। ଓଡ଼ିଶାର ଆସିଷ୍ଟାଣ୍ଟ ପିଏଫ୍ କମିଶନର ମୌସୁମୀ ଲତା ପାଢ଼ୀ କହିଲେ, ଆର୍ ଓ ଭୁବନେଶ୍ୱରର ମହିଳା ସେଲ୍ ପ୍ରତ୍ୟକ ମହିଳାଙ୍କ ପାଇଁ ରୋଲ୍ ମଡେଲ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଘରୁ ସୁନା ଅଳଙ୍କାର, ଟଙ୍କା ଚୋରି

**ଭୁବନେଶ୍ୱର, ୮।୩ (ସୂର୍ଯ୍ୟକାନ୍ତ ବେହେରା):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥନଗର ଲେନ୍-୧୧ରେ ରହୁଥିବା ପରେଶ ପାଣିଗ୍ରାହୀଙ୍କ ଘରୁ ଦୁର୍ବୃତ୍ତମାନେ ସୁନା କାନ ଫୁଲ, ଲକେଟ, ୧୫ ହଜାର ଟଙ୍କା ଆଦି ଚୋରିକରି ନେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ସେମାନେ ଝରକା ତାଡ଼ି ଘରେ ପଶି ଏହି କାଣ୍ଡ ଘଟାଇଛନ୍ତି। ପୋଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହକରି ତଦନ୍ତ ଆରମ୍ଭ କରିଛି।

# ଶିବ ସ୍ତୁତିରେ ଭକ୍ତ ଏକାକାର

**ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ବିଭିନ୍ନ ଶୈବପୀଠରେ ଶୁକ୍ରବାର ମହାଶିବରାତ୍ରି ତଥା ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସବୁଠି ରହିଥିଲା ଆଧ୍ୟାତ୍ମିକ ପରିବେଶ। ଶିବମୟ ହୋଇଉଠିଥିଲା ଅଞ୍ଚଳ। ଏକାକାର ହୋଇଯାଇଥିଲେ ଭକ୍ତ ଆଉ ଭଗବାନ। ମହାଦେବଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ ସହ ଜାଗର ଦୀପ ଜାଳିଥିଲେ ଭକ୍ତ। ଏହି ଅବସରରେ ଏକାଧିକ ଶୈବପୀଠରେ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାଶିବରାତ୍ରି ଅବସରରେ ସବୁଠି ଉତ୍ସାହ, ଆନନ୍ଦ ଉଲ୍ଲାସର ପରିବେଶ ରହିଥିଲା।

ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ଏବଂ ଅତ୍ରିସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱର ହରିହର ଭେଟ ପରେ ରାତି ୧୧ଟାରେ ମହାଦୀପ ଉଠିଥିଲା। ମହାଦୀପ ଉଠିବା ପରେ ଶ୍ରୀଧବଳେଶ୍ୱର ହରିହର ବେଶରେ ଦର୍ଶନ ଦେଇଥିଲେ। ଭକ୍ତମାନେ ଅର୍ପଣ କରିଥିବା ନୂତନ ବସ୍ତ୍ର ମହାଦେବ ପରିଧାନ କରିଥାନ୍ତି। ଭକ୍ତମାନେ ଧବଳେଶ୍ୱରଙ୍କ ଏହି ବେଶ ଦର୍ଶନ କରିଥିଲେ। ମହାଦୀପ ଉଠିବା ସମୟରେ ପୀଠ ଭକ୍ତଙ୍କ ଜୟଜୟକାର ଧ୍ୱନୀରେ କମ୍ପି ଉଠିଥିଲା। ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଅତ୍ରି ହଟ୍ଟକେଶ୍ୱରଙ୍କ ପୀଠରେ ମହାଦୀପ ଦର୍ଶନ ଲାଗି ମନ୍ଦିର ଚାରିପାଖରେ ଭକ୍ତଙ୍କ ଜନସମାଗମ ହୋଇଥିଲା। ଗୋଡ଼ା ସ୍ଥିତ ପ୍ରସିଦ୍ଧ ଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ମହାଦୀପ ଦର୍ଶନ ଲାଗି ଆଖପାଖ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥିଲା। ଗୁରୁଜଙ୍ଗ ଧବଳେଶ୍ୱର ସମେତ ଅତ୍ରିର ହଟ୍ଟକେଶ୍ୱର, ଗୋଡ଼ା ଲୋକନାଥ, ଖୋର୍ଦ୍ଧା ଉପରସାହିର ବାଲୁଙ୍କେଶ୍ୱର, ନବୀନାବାଗର ସ୍ୱପ୍ନେଶ୍ୱର, ସାମନ୍ତରାପୁର ସିଦ୍ଧେଶ୍ୱର, ଭାଲିଆବାଡିର ଲୋକେଶ୍ୱରଦେବ, ଜେମାଦେଈର ବାଲୁଙ୍କେଶ୍ୱର, ମୁକୁନ୍ଦପ୍ରସାଦର ଅସୁରେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ଗଡ଼ଖୋର୍ଦ୍ଧାସ୍ଥିତ ମହାଦେବ, ନିଜିଗଡ଼ ତାପଙ୍ଗର ବାଲୁଙ୍କେଶ୍ୱର, ଅଣ୍ଡାର ଶାଳେଶ୍ୱର ଆଦି ଶୈବପୀଠରେ ଭୋର ୪ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଧାଡିରେ ଆସି ମନ୍ଦିର ଭିତର ବେଢ଼ାରେ ମହାଦେବଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ମହାଶିବରାତ୍ରି ଅବସରରେ ସମସ୍ତ ଶୈବପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିଥିଲେ। ମହାଶିବରାତ୍ରୀରେ ଦୀପ ଜାଳି ମହାଦେବଙ୍କ ସ୍ମରଣ କଲେ, ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି।



ଭାଲିଆବାଡ଼ିସ୍ଥିତ ଲୋକେଶ୍ୱରଦେବ ମନ୍ଦିର ଚୂଡାକୁ ମହାଦୀପ ଉଠୁଛି।



ଲୋକେଶ୍ୱର ମନ୍ଦିର ପରିସରରେ ଭକ୍ତଙ୍କ ଗହଳି।

## ଦକ୍ଷିଣମୁଖା ବେଢ଼ା ପରିକ୍ରମା କଲେ ତାରେଶ୍ୱର

**ବୋଲଗଡ଼,୮।୩(ଦେବବ୍ରତ ହୋତା)**

ମହାଶିବରାତ୍ରି ଅବସରରେ ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ତାରେଶ୍ୱର ଦେବଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଭୋର ୩ଟାରେ ଦ୍ୱାରଫିଟା ପରେ ସମସ୍ତ ଦେବନୀତି ସମ୍ପନ୍ନ ହୋଇଥିଲା। ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ୧୦ଟାରେ ଠାକୁରଙ୍କ ସକାଳ ଧୂପ ବଢ଼ିଥିଲା। ୬ଟାରେ ସନ୍ଧ୍ୟା ଆଳତି ହୋଇଥିଲା। ରାତି ସାଢ଼େ ୧୦ଟାରେ ମହାଦେବଙ୍କ ମାଘସ୍ନାନ ନୀତି ହୋଇଥିଲା। ରାତି ସାଢେ ୧୧ଟାରେ ଠାକୁରଙ୍କ ବେଢ଼ା ପରିକ୍ରମା କାର୍ଯ୍ୟ ହୋଇଥିଲା। ତାରେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଦକ୍ଷିଣମୁଖା ହୋଇ ଦକ୍ଷିଣଦ୍ୱାରରୁ ବେଢ଼ା ପରିକ୍ରମା କରି ଭୋଗମଣ୍ଡପରେ ବିଜେ କରିଥିଲେ। ଭୋଗ ଲାଗି ପରେ ମହାଦୀପ ଉଠିଥିଲା।

## ଡିପିସି, ଏବିଭିପିର ସେବକାର୍ଯ୍ୟ

**ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)**

ମହାଶିବରାତ୍ରି ଅବସରରେ ଜିଲା ପ୍ରେସ କ୍ଲବ(ଡିପିସି) ଖୋର୍ଦ୍ଧା ପକ୍ଷରୁ ଟିଏଲ୍‌ସି ରୋଡରେ ଟଙ୍କତୋରାଣି ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଏହିରାସ୍ତା ଦେଇ ଯାଉଥିବା ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଟଙ୍କତୋରାଣି ପାଇ ଆତ୍ମତୃପ୍ତି ଲାଭ କରିଥିଲେ। କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ସମ୍ପାଦକ ଦିଲୀପ ପଟ୍ଟନାୟକଙ୍କ ସମେତ ପ୍ରକାଶ ହାତୀ, ଅବ୍ୟକ୍ତ ହରିହର ଖାଡଙ୍ଗା, ବାଲାଜି ପାତ୍ର, ଶୋଭନ ଘୋଷ, ଗୋପାଳ ଦାସ, ପ୍ରବୀଣ ଭଞ୍ଜ, ବି.ରାଣା, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ନଗର ପକ୍ଷରୁ ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱରଙ୍କ ପୀଠ ପରିସରରେ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପରିଷଦର କର୍ମକର୍ତ୍ତାମାନେ ଭକ୍ତଙ୍କୁ ଲେମ୍ବୁ ସରବତ, ଦହିପଣା, ପାନୀୟଜଳ ବଣ୍ଟନ କରିଥିଲେ। ପରିଷଦର ସଦସ୍ୟ, ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଜାଗର ଜାଳିଲେ ମାନସିକଧାରୀ



ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ଶ୍ରଦ୍ଧାଳୁ ଜାଗର ଦୀପ ଜାଳୁଛନ୍ତି। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)

**ଟାଙ୍ଗୀ ୮।୩ (ରଘୁନାଥ ସାହୁ)**

ଟାଙ୍ଗୀ ଓ ଆଖପାଖ ଅଞ୍ଚଳରେ ଥିବା ଶୈବପୀଠରେ ମହାଶିବରାତ୍ରି ତଥା ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀର ପଶ୍ଚିମାଭିମୁଖୀ ଲୋକନାଥ ଦେବ, ବାଲୁଙ୍କେଶ୍ୱର, ବିଲ୍ୱ ବାଲୁଙ୍କେଶ୍ୱର, ଚଣ୍ଡେଶ୍ୱରସ୍ଥିତ ଚଣ୍ଡୀହରଦେବ, କନ୍ଧନୟାଗଡ଼ ଐଶାନେଶ୍ୱର, ନୀଳକଣ୍ଠେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିବା ସହ ଜାଗର ଦୀପ ଜାଳିଥିଲେ। ସମସ୍ତ ଶୈବପୀଠକୁ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ଭଜନ ପରିବେଷଣ ହୋଇଥିଲା।

**ବେଗୁନିଆ,(ହର ପ୍ରସନ୍ନ ପଣ୍ଡା):** ମହାଶିବରାତ୍ରି ଅବସରରେ ବେଗୁନିଆ ବ୍ଲକର ବିଭିନ୍ନ ଶୈବପୀଠକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ବେଗୁନିଆ ବାଲୁଙ୍କେଶ୍ୱର ଦେବ, ଗୋଡ଼ାର ଲୋକନାଥ ଏବଂ ଗଁପୁର ଗ୍ରାମର ସୋମନାଥ ଦେବ, ସୁଆଁଳ ଲୋକେଶ୍ୱର ଦେବ, ବଡ଼ବେରଣା ଜଳେଶ୍ୱର ଦେବ, ଭୋଗଡ଼ା ବାଲୁଙ୍କେଶ୍ୱର ଦେବ, ଲେଖନପୁର ବ୍ରହ୍ମେଶ୍ୱର ଦେବ, କଣ୍ଟାବାଡ ବାଲୁଙ୍କେଶ୍ୱର ଦେବ ଓ ତଣ୍ଡାଳ ବିଶ୍ୱନାଥ ଦେବଙ୍କ ପୀଠ ପରିସରରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବା ସହ ଜାଗର ଦୀପ ଜାଳିଥିଲେ। ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ମୁତୟନ ହୋଇଥିଲେ।

**ବାଲୁଗାଁ,(ସଂଗ୍ରାମ ପାଇକରାୟ):** ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଉମାମହେଶ୍ୱରଙ୍କ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ଠାକୁରଙ୍କ ଦର୍ଶନ କରିବା ସହ ଜଳ ଓ କେତକୀ ଫୁଲ ଲାଗି କରିଥିଲେ। ସନ୍ଧ୍ୟା ପରେ ମାନସିକଧାରୀ ମନ୍ଦିର ବେଢ଼ାରେ ଜାଗର ଦୀପ ଜାଳିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ମନ୍ଦିର ପରିଚାଳନା ନିମନ୍ତେ ଦାୟିତ୍ୱରେ ଥିବା ଚିଲିକା ତହସିଲଦାର ଚକ୍ରଧର ପାତ୍ରୀଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଳୁ ଜାଗର ଯାତ୍ରାକୁ ପରିଚାଳନା କରିଥିଲେ। ସେହିପରି ରାମେଶ୍ୱର ଦେବ, ନୀଳକଣ୍ଠେଶ୍ୱର ଦେବ, ଜଗତେଶ୍ୱର ଦେବ, ଗାଦିଶ୍ୱରଦେବ, ବାଲୁଙ୍କେଶ୍ୱର ଦେବ, ଜଳେଶ୍ୱର ଦେବ, ସିଙ୍ଗିନାଥ ଦେବ, କଳିଯୁଗେଶ୍ୱର ଦେବ, ଧବଳେଶ୍ୱର ଦେବ, ଗୁପ୍ତେଶ୍ୱରଦେବ, ଭେଟିନାଥ ଦେବ, ବୁଢ଼ାକପିଳେଶ୍ୱର ଦେବଙ୍କ ପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି।

## ଟ୍ରକ୍ ପଛକୁ ଧକ୍କାଦେଲା ସ୍କୁଟି: ୨ ମୃତ, ଜଣେ ଗୁରୁତର

**ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ଓଭରବ୍ରିଜ୍ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ପଛକୁ ଏକ ସ୍କୁଟି ଧକ୍କାଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମୃତକଦ୍ୱୟ ଏବଂ ଆହତଙ୍କ ପରିଚୟ ମିଳିନାହିଁ ବୋଲି ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଏକ ସ୍କୁଟି(ଓଡି ୨୫ପି ୫୬୮୮)ରେ ୩ଜଣ ଯୁବକ ଦ୍ରୁତଗତିରେ ଜଙ୍କିଆ ଅଭିମୁଖେ ଯାଉଥିଲେ। ତାପଙ୍ଗ ଓଭରବ୍ରିଜ୍ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛକୁ ଧକ୍କା ଦେଇଥିଲେ। ଫଳରେ ସ୍କୁଟିରେ ଥିବା ୩ଜଣ ଛିଟିକି ରାସ୍ତାରେ ପଡ଼ିଥିଲେ। ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଟ୍ରାଫିକ୍ ପୋଲିସକୁ ଦୁର୍ବ୍ୟବହାର: ଯୁବକ ଗିରଫ

**ବାଲୁଗାଁ, ୮।୩(ସଂଗ୍ରାମ ପାଇକରାୟ)**

ସ୍ଥାନୀୟ ଗାନ୍ଧୀ ଛକଠାରେ ଜନସାଧାରଣଙ୍କୁ ହଇରାଣ ଓ କାର୍ଯ୍ୟରତ ଟ୍ରାଫିକ୍ ପୋଲିସଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବାଲୁଗାଁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଡ଼କୂଳ ନିକଟ ଆଖୁପୋଖରା ଗ୍ରାମର ବଳରାମ ଭୂୟାଁ। ସୂଚନା ମୁତାବକ, ଗୁରୁବାର ସନ୍ଧ୍ୟାରେ ଗାନ୍ଧୀ ଛକଠାରେ ବଳରାମ ନିଶାସକ୍ତ ଅବସ୍ଥାରେ ରାସ୍ତାରେ ଯାଉଥିବା ବାଇକ୍ ଆରୋହୀ ଏବଂ ପଥଚାରୀଙ୍କୁ ଅଟକାଇ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିଲେ। ଖବରପାଇ ସେଠାରେ କାର୍ଯ୍ୟରତ ଟ୍ରାଫିକ୍ ପୋଲିସ ପହଞ୍ଚି ବଳରାମଙ୍କୁ ବୁଝାଇଥିଲେ ମଧ୍ୟ ସେ ଖାତିର କରି ନ ଥିଲେ। ଏପରିକି ଟ୍ରାଫିକ୍ ପୋଲିସ ଜଣଙ୍କୁ ଗାଳିଗୁଲଜ କରିଥିଲା। ପରବର୍ତ୍ତୀ ସମୟରେ ଏନେଇ ଅଭିଯୋଗ ପରେ ବଳରାମଙ୍କୁ ଗିରଫ କରାଯାଇଥିଲା।

## ଶ୍ରୀକପିଳେଶ୍ୱରଙ୍କ ପୀଠରେ କ୍ଷୀରସାଗର ଉତ୍ସବ

**ନିରାକାରପୁର,୮।୩(ମାନସ ଚନ୍ଦ୍ର ପଟ୍ଟନାୟକ)**

ମହାଶିବରାତ୍ରି ଅବସରରେ ବାଇଶିଦେଶ ଯାଦବ ସମିତି ପକ୍ଷରୁ କପିଳେଶ୍ୱର ଦେବଙ୍କ ପୀଠରେ ଅଷ୍ଟଦଶତମ ବାର୍ଷିକ କ୍ଷୀରସାଗର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଞ୍ଜାରିଆ ପାଟଣାର ଅଧିଷ୍ଠାତ୍ରୀ ମା'ଦହିଖାଇଙ୍କ ପୀଠରୁ ଏକ ଶୋଭାଯାତ୍ରାରେ ଏହି କ୍ଷୀରକୁ କପିଳେଶ୍ୱର ଦେବଙ୍କ ପୀଠକୁ ଅଣାଯାଇଥିଲା। ବାଡ଼ିଖେଳ, ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ନୂଆଜଗନ୍ନାଥ ସଡ଼କ ଉତ୍ସବ ମୁଖର ହୋଇପଡ଼ିଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଯାଦବ ସମିତି ଦ୍ୱାରା ୧୦ହଜାର ଲିଟର କ୍ଷୀର ସଂଗ୍ରହ ହୋଇଥିଲା। ସମିତି ପକ୍ଷରୁ ଦୁଇଟି ସୁସଜ୍ଜିତ ଗାଡ଼ିରେ ଓ ଆଉ କିଛି କ୍ଷୀର ସମିତିର କର୍ମକର୍ତ୍ତାମାନେ ବାହୁଙ୍ଗିରେ କାନ୍ଧେଇ ପୀଠକୁ ଯାଉଥିବା ଦେଖିବାକୁ ମିଳିଥିଲା। କ୍ଷୀରକୁ ଜଗତ ମଙ୍ଗଳ ଉଦ୍ଦେଶ୍ୟରେ ଶ୍ରୀଜୀଉଙ୍କ ମସ୍ତକରେ ଲାଗି କରାଯାଇଥିଲା। ସମିତି ସଭାପତି ରତ୍ନାକର ବେହେରା, ଆନନ୍ଦ ବେହେରା, ପଦ୍ମଚରଣ ବେହେରା, ବିଶିଆ ବେହେରା, ଶ୍ୟାମ ସୁନ୍ଦର ବେହେରା, ରାମଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଜୁ ଜନତାଦଳର ବରିଷ୍ଠ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ ପ୍ରମୁଖ ଏହି କ୍ଷୀର ସାଗର ଉତ୍ସବରେ ଯୋଗଦେଇଥିଲେ।





@ ଶ୍ୟାମସୁନ୍ଦର



@ ପ୍ରତିମା



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଅନ୍ତର୍ଜାତୀୟ ମହିଳା ଦିବସ

**ବୋଲଗଡ଼,୮।୩(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଦକ୍ଷତା ତାଲିମ କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କେନ୍ଦ୍ରରେ ଚାନ୍ଦୁଆ ହସ୍ତଶିଳ୍ପ ତାଲିମ ନେଉଥିବା ମହିଳାମାନଙ୍କୁ ନେଇ ଏହି ଦିବସ ପାଳନ ହୋଇଥିଲା। ମହିଳାମାନେ ନିଷ୍ଠାର ସହ ତାଲିମ ନେଇ ଆତ୍ମନିର୍ଭରଶୀଳ ହେବା ସହ ପରିବାର ଉପରୁ ଆର୍ଥିକ ଚାପକୁ ଲାଘବ କରିବା ପାଇଁ ଯୁବକ ସଂଘର ସମ୍ପାଦକ ଭାଗୀରଥି ଦାଶ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ମହିଳାମାନେ ଭାଗନେଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତାଲିମ କେନ୍ଦ୍ରର ଲିପିକା ମହାପାତ୍ର, ଦିପ୍ତୀମୟୀ ହୋତା, ଝରଣା ବେହେରା, ପ୍ରଭାସିନୀ ସାହୁ, ସୁବାସିନୀ ପ୍ରଧାନ ପ୍ରମୁଖ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନବକିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଫାଇନାଲରେ ପ୍ରକାଶ ଇଲେଭେନ ନୟାଗଡ଼



ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବୋଲଗଡ଼,୮।୩(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ନାରାୟଣୀପଡା ସ୍କୁଲ ପଡିଆରେ ଚାଲିଥିବା ମହାବୀରଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ପ୍ରକାଶ ଇଲେଭେନ ନୟାଗଡ଼ ଓ କଟକ ଜିଲା ବାଙ୍କୀ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ପ୍ରକାଶ ଇଲେଭେନ ଟିମ୍ ଦୁଇଟି ଗୋଲ ଦେଇଥିବା ବେଳେ ବାଙ୍କୀ କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୨-୦ ଗୋଲରେ ପ୍ରକାଶ ଇଲେଭେନ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ତାଳତୁମ୍ବ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ସୁବ୍ରତ ମହାପାତ୍ର, ସନ୍ୟାସୀ ଦୀନବନ୍ଧୁ ବାବା, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସଞ୍ଜୟ କୁମାର ରଥ ପ୍ରମୁଖ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରିଭାବେ ଅବିନାଶ ପଟ୍ଟନାୟକ ଏବଂ ଅଫିସିଆଲ ରେଫରିଭାବେ ମହମ୍ମଦ ଇସାକ୍ ମ୍ୟାଚ ପରିଚାଳନା କରିଥିଲେ। ଭିକାରୀ ଦାସ ଓ ରାଜା ଖାଁ ଲାଇନ୍ସମ୍ୟାନ ଭାବେ ସହଯୋଗ କରିଥିଲେ। ଅନୁଷ୍ଠାନ ସଭାପତି ପୁରୁଷୋତ୍ତମ ବେହେରା, ସମ୍ପାଦକ ବିଦ୍ୟାଧର ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ ପ୍ରକାଶ ଇଲେଭେନ ନୟାଗଡ଼ ଓ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

## ଧବଳେଶ୍ୱର ପୀଠରେ ଗୋଷ୍ଠୀ ସଂଘର୍ଷ: ୧୦ ଆହତ

**ପୂର୍ବ ବିବାଦକୁ ନେଇ ଗଣ୍ଡଗୋଳ**

- ନୀତି ହେବ, ଶ୍ରଦ୍ଧାଳୁଙ୍କୁ ଜାଗର ଦୀପ ଜାଳିବା ମନା
- ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ

**ବାଲୁଗାଁ, ୮।୩ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ଥାନା ଅଧୀନ ଧୂଆଁଳ ଓ କୋତରୀ ଗ୍ରାମ ମଧ୍ୟରେ ଥିବା ଧବଳେଶ୍ୱର ପୀଠରେ ଶୁକ୍ରବାର ପୂର୍ବ ବିବାଦକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଧୂଆଁଳ ଓ କୋତରୀ ଗ୍ରାମର ୧୦ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପଟେ ମନ୍ଦିର ପରିସରରେ ଜାଗର ଦୀପ ଜାଳିବା ପାଇଁ ଶ୍ରଦ୍ଧାଳୁଙ୍କୁ ବାରଣ କରାଯାଇଛି। ପରମ୍ପରା ଅନୁଯାୟୀ କେବଳ ଠାକୁରଙ୍କ ପୂଜା ନୀତିକାନ୍ତି ସମ୍ପନ୍ନ ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ମନ୍ଦିର ପରିଚାଳନା କମିଟିକୁ ନିର୍ଦ୍ଦେଶ ଦିଆଯାଇଛି।

ପୋଲିସ ସୂଚନା ମୁତାବକ, କେଉଁ ଆବହମାନ କାଳରୁ ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ହୋଇ ପୂଜା ପାଇଆସୁଛନ୍ତି। କିଛିବର୍ଷ ହେବ ମନ୍ଦିରର ଉନ୍ନୟନ କାର୍ଯ୍ୟକୁ ନେଇ ଧୂଆଁଳ ଓ କୋତରୀ ଗ୍ରାମ ମଧ୍ୟରେ ବିବାଦ ଲାଗିରହିଛି। ଧୂଆଁଳ ଗ୍ରାମବାସୀ ମନ୍ଦିର ପରିଚାଳନା ସହ ସମସ୍ତ ପୂଜା ନୀତିକାନ୍ତି ପ୍ରାରମ୍ଭରୁ କରିଆସୁଛନ୍ତି। ତେବେ ମନ୍ଦିରସ୍ଥଳ କୋତରୀ ଗ୍ରାମ ମୌଜାରେ ଅବସ୍ଥାପିତ ଥିବା ଯୋଗୁ କିଛିବର୍ଷ ହେବ ଉକ୍ତ ମନ୍ଦିରଟି ବିଜେ କୋତରୀଭାବେ ସାର୍ବଜନୀନ କରିବା ପାଇଁ ଦାବି କରିଥିଲେ। ଫଳରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏପରିସ୍ଥଳେ ଜାଗର ଯାତ୍ରା ପାଇଁ କୋତରୀ ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ବାଲୁଗାଁ ପୋଲିସର ସ୍ୱୀକୃତି ମଗାଯାଇଥିଲା। ଉପଜିଲାପାଳଙ୍କ ଅନୁମତିପତ୍ର ନ ଥିବାରୁ ପୋଲିସ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା। ଏଥିରେ ଅସନ୍ତୁଷ୍ଟ ହୋଇ କୋତରୀ ଗ୍ରାମର କେତେଜଣ ବ୍ୟକ୍ତି ଶୁକ୍ରବାର ପୂର୍ବାହ୍ନରେ ମନ୍ଦିର ପରିସରରେ ପହଞ୍ଚି ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରିବା ବେଳେ ଦୁଇ ଗ୍ରାମ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ସଂଘର୍ଷର ରୂପ ନେଇଥିଲା। ପରସ୍ପରକୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗ୍ରାମର ମୋଟ୍ ୧୦ଜଣ ଆହତ ହୋଇଥିଲେ। ଆହତମାନେ ହେଲେ କୋତରୀ ଗ୍ରାମର ଲକ୍ଷ୍ମୀଧର ପ୍ରଧାନ, ଫକୀର ସେନାପତି, ପଞ୍ଚାନନ ଦଳେଇ ଏବଂ ଧୂଆଁଳ ଗ୍ରାମର ହରମୋହନ ରଣା, ବିଦେଶୀ ରଣା, ବିନାୟକ ରଣା, ଲକ୍ଷ୍ମୀଧର ଜେନା ଏବଂ କୈଳାସ ସେଠୀ। ଚିକିତ୍ସା ପାଇଁ ଏମାନଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତର କୋତରୀ ଗ୍ରାମର ଗତିକୃଷ୍ଣ ବିଶ୍ୱାଳ ଏବଂ ପଞ୍ଚାନନ ମଲ୍ଲିକଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଏବଂ ଆଇଆଇସି ଜୟପ୍ରକାଶ ପରିଡ଼ା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି।



ଧବଳେଶ୍ୱର ମନ୍ଦିର ପରିସରରେ ପୋଲିସ ମୁତୟନ।




ଗୋଷ୍ଠୀ ସଂଘର୍ଷରେ ଆହତ ବ୍ୟକ୍ତି।

### ମହେଶ୍ୱର ମହାନ୍ତିଙ୍କ ଜୟନ୍ତୀ ପାଳିତ

ପୁରୀ,୮।୩(ଅଜିତ୍ ମହାନ୍ତି)-ପୁରୀ ସଦର ନିର୍ବାଚନ ମଣ୍ଡଳୀର ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଶୁକ୍ରବାର ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ଜୟନ୍ତୀ ପାଳନ କରାଯାଇଛି। ସ୍ୱର୍ଗତ ମହାନ୍ତିଙ୍କ ୬୮ତମ ଜୟନ୍ତୀ ଉପଲକ୍ଷେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମହେଶ୍ୱର ମହାନ୍ତି ଅମର ରହେ ବୋଲି ଛାତ୍ର ଓ ଯୁବ ନେତାମାନେ ସ୍ଲୋଗାନ ଦେଇଥିଲେ। ଛାତ୍ର ଓ ଯୁବ ବିଜେଡି ନେତାମାନେ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଦୀପଦାନ କରିଥିଲେ।

# ଶ୍ରୀଲୋକନାଥ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ

ପୁରୀ,୮।୩(ଅଜିତ୍ ମହାନ୍ତି)

ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ସମେତ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପୂଜିତ ଶ୍ରୀଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ, ନୀଳକଣ୍ଠ ମନ୍ଦିରରେ ଶୁକ୍ରବାର ଭକ୍ତିପୂତ ପରିବେଶ ମଧ୍ୟରେ ମହାଶିବରାତ୍ରି ପାଳିତ ହୋଇଯାଇଛି।

ଏଥିସହ ମଣିନାଗେଶ୍ୱର, ବାନାମ୍ବର, ଆଖଣ୍ଡଳମଣି ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ପୂଜାର୍ଚ୍ଚନା କରିବା ପାଇଁ ଭୋରରୁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ଶିବ ପଞ୍ଚାକ୍ଷର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଶୈବପୀଠଗୁଡ଼ିକ ପ୍ରକମ୍ପିତ ହୋଇଉଠିଥିଲା। ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ଜାଗର ଦୀପ ଜାଳିଥିଲେ। ଅଧିକାଂଶ ମନ୍ଦିରରେ ମଧ୍ୟରାତ୍ରରେ ମହାଦୀପ ଉଠିଥିଲା। ତେବେ ଶ୍ରୀଲୋକନାଥ ପୀଠରେ ରାତିର ଶେଷ ପ୍ରହରରେ ମହାଦୀପ ଦର୍ଶନ ମିଳିଥିଲା।



ଶ୍ରୀଲୋକନାଥ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଗୁରୁବାର ରାତି ୧୨ଟାରେ ମନ୍ଦିର ଦ୍ୱାର ଫିଟିବା ପରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା ଓ ଭୋଗ ପରେ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ଏକ ଘଣ୍ଟା ପୂର୍ବରୁ ଆରମ୍ଭ ହୋଇଥିଲା ସର୍ବସାଧାରଣ ଦର୍ଶନ। ରାତି ୪ଟାରୁ ଦର୍ଶନ ଆରମ୍ଭ ହୋଇଥିଲେ ମଧ୍ୟ ଶୁକ୍ରବାର ଭୋରରୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ସେହିପରି ସ୍ୱତନ୍ତ୍ର ଦର୍ଶନ ପାଇଁ ୧୦୦ ଟଙ୍କିଆ ୪ହଜାର ଟିକେଟର ବ୍ୟବସ୍ଥା କରାଯାଇଥିଲା। ତେବେ ଚଳିତବର୍ଷ ବାବା ଲୋକନାଥଙ୍କ ଗମ୍ଭୀରା ଦର୍ଶନ ବନ୍ଦ ରଖାଯାଇଥିଲା। ଗମ୍ଭୀରା

### ରାତ୍ରିର ଶେଷ ପ୍ରହରରେ ଉଠିଲା ମହାଦୀପ

ବାହାରେ ଠାକୁରଙ୍କ ଚଳନ୍ତି ପ୍ରତିମାଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ଭକ୍ତମାନେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ବସିରହିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଚାଲିଥିଲା। ମହାଶିବରାତ୍ରିରେ ଶ୍ରୀଲୋକନାଥଙ୍କୁ ଦର୍ଶନ କଲେ ରୋଗ ବ୍ୟାଧିରୁ ମୁକ୍ତି ମିଳିବା ସହ ମନୋସ୍କାମନା ପୂରଣହୋଇଥାଏ ବୋଲି ବିଶ୍ୱାସ ରହିଛି। ମାନସିକଧାରୀମାନେ ଶ୍ରୀଲୋକନାଥଙ୍କ ନିକଟରେ ରୁପା ଲାଗି କରିବା ସହିତ ଚୁଡ଼ାଘଷା ଭୋଗ କରିଥିଲେ। ସେହିପରି କିଆ, କେତକୀ, ନାଗେଶ୍ୱର, ପଳାଶ ଆଦି ଫୁଲ ଲାଗିକରାଇଥିଲେ। ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନେ ଦୀପଜାଳି ନିଷ୍ଠାର ସହ ଜାଗର ପାଳିଥିଲେ। ଶ୍ରୀମନ୍ଦିରୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ବିଭିନ୍ନ ସ୍ଥାନରେ ପଂକ୍ତିମଣୋହି ହୋଇ ବିଳମ୍ବିତ ରାତିରେ ଲୋକନାଥ ମନ୍ଦିରରେ ପହଞ୍ଚିଥିଲେ। ଚଳନ୍ତି ପ୍ରତିମା ଲୋକନାଥ ମନ୍ଦିରରେ ପହଞ୍ଚିବା ପରେ ଅନ୍ୟାନ୍ୟ ନୀତି ହୋଇ ମହାସ୍ନାନ ଓ ବେଶ ସମ୍ପନ୍ନ ହେବା ପରେ ମହାସ୍ନାନ ଯାତ୍ରାଙ୍ଗୀ ଭୋଗ କରାଯାଇଥିଲା। ପରେ ଘଣ୍ଟଛତା ଭୋଗ, ହରିହର ଭେଟ, ହରିହର ପୂଜା କରାଯିବା ପରେ ଚନ୍ଦନ ଲାଗି, ବଡ଼ଶୃଙ୍ଗାର ବେଶ ସମ୍ପନ୍ନ ହୋଇଥିଲା। ପରେ ଚତୁର୍ଦ୍ଦଶୀ ଓ ବଡ଼ଶୃଙ୍ଗାର ଭୋଗ କରାଯାଇଥିଲା। ରାତ୍ରି ଶେଷ ପ୍ରହରରେ ମହାଦୀପ ଉଠିବା ପରେ ଭୋରରୁ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ମହାଦେବଙ୍କ ପ୍ରସାଦ ପାଇ ଉପବାସ ଭାଙ୍ଗିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ସହ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୨୦ରୁ ଊର୍ଦ୍ଧ୍ୱ ଅଧିକାରୀ ନିୟୋଜିତ ହୋଇଥିଲେ। ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୩।୨୦୨୪

| ୨,୩୭,୭୨୪ ଟଙ୍କା | |
|---|---|
| ସୁନା | ୫୨.୧୦୦ ଗ୍ରାମ୍ |
| ରୁପା | ୬୨.୦୦୦ ଗ୍ରାମ୍ |



ଶ୍ରୀମନ୍ଦିରରୁ ଶ୍ରୀଲୋକନାଥଙ୍କୁ ନିଜସ୍ୱ ମନ୍ଦିରକୁ ବିମାନରେ ନିଆଯାଉଛି ।



ଶ୍ରୀଲୋକନାଥ ପୀଠ ପରିସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ପ୍ରଜ୍ୱଳିତ ହେଲା ଉଚ୍ଚତମ ଅଖଣ୍ଡ ଦୀପ

ପୁରୀ, ୮।୩(ଅଜିତ୍ ମହାନ୍ତି)

ପବିତ୍ର ମହାଶିବରାତ୍ରୀ ଅବସରରେ ଶୁକ୍ରବାର ପୁରୀ ସଦର ମୁକୁନ୍ଦ ମିଶ୍ର ନଗରରେ ଉଚ୍ଚତମ ଅଖଣ୍ଡ ଦୀପ ପ୍ରଜ୍ୱଳିତ ହୋଇଛି। ବିଶ୍ୱରେ ଶାନ୍ତି ତଥା ଦେଶବାସୀଙ୍କ ନିରୋଗ କାମନା କରି ବାବା ମୁକୁନ୍ଦେଶ୍ୱର ମହାଦେବଙ୍କ ନିକଟରେ ବିଶ୍ୱର ସବୁଠୁ ବଡ଼ ଅଖଣ୍ଡ ଦୀପ ଜାଳିଛନ୍ତି ମୁକୁନ୍ଦ ମିଶ୍ର ନଗର ବାସିନ୍ଦା। ଏହି ଅଖଣ୍ଡ ଦୀପର ଲମ୍ବ ୧୪ ଫୁଟ ଓ ପ୍ରସ୍ଥ ସାଢେ ୮ଫୁଟ। ଏହି ଅବସରରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ମୁକୁନ୍ଦ ମିଶ୍ର ନଗରର ସ୍ଥାୟୀ ସଭାପତି ଜଗଦାନନ୍ଦ ମିଶ୍ରଙ୍କ ସହ ନଗରର ସଦସ୍ୟମାନେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ବିଧାୟକ ସାମିଲ ହୋଇ ମୃଦଙ୍ଗ ବାଦନ କରିଥିଲେ। ସନ୍ଧ୍ୟାରେ ନଗର ବାସିନ୍ଦାମାନେ ଉଜାଗର ରହି ପ୍ରଭୁ ମୁକୁନ୍ଦେଶ୍ୱରଙ୍କ ପ୍ରାଙ୍ଗଣରେ ପ୍ରଦୀପ ପ୍ରଜ୍ୱଳନ କରି ହର ହର ମହାଦେବ ଏବଂ ଓମ୍ ନମଃ ଶିବାୟ ଜପ କରିଥିଲେ।



ଅଖଣ୍ଡ ଦୀପ ପ୍ରଜ୍ୱଳନ ଅବସରରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏବଂ ଅନ୍ୟମାନେ ।

## ଅଷ୍ଟପ୍ରହର ଉପରେ ୧୪୪ ଧାରା ଜାରି

ଅସ୍ତରଙ୍ଗ,୮।୩(ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ସାମୁଦ୍ରିକ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମରେ ଅଷ୍ଟପ୍ରହର ହେଉଥିବା ସ୍ଥାନରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ସୂଚନା ମୁତାବକ, ୨୦୨୩ରେ ଅଷ୍ଟପ୍ରହରରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତାହାକୁ ଦୃଷ୍ଟି ରଖି ଚଳିତ ବର୍ଷ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା ଉଭୟ ଗୋଷ୍ଠୀର ମୁଖ୍ୟଙ୍କୁ ଡାକି ଶାନ୍ତିଶୃଙ୍ଖଳା ସହ ଅଷ୍ଟପ୍ରହର କରିବାକୁ ଏକ ବୈଠକ କରିଥିଲେ। କିନ୍ତୁ ପରିସ୍ଥିତି ସନ୍ତୋଷଜନକ ହେଲାନାହିଁ। ଜାଗର ଅବସରରେ ମଧୁପୁର ଗ୍ରାମର ବାବା ଆଖଣ୍ଡଳମଣି ମନ୍ଦିର ନିକଟରେ ଚଳିତ ବର୍ଷ ଅଷ୍ଟପ୍ରହର ଆୟୋଜନ ହୋଇଥାନ୍ତା। କିନ୍ତୁ ପରିସ୍ଥିତି ସନ୍ତୋଷଜନକ ନ ଥିବାରୁ ସ୍ଥାନୀୟ ପ୍ରଶାସନ ମାର୍ଚ୍ଚ ୭ ଓ ୮ତାରିଖ ଦୁଇ ଦିନ ଅଷ୍ଟପ୍ରହରରେ ୧୪୪ ଧାରା ଲଗାଇଛି। ଶୁକ୍ରବାର ମହାଶିବରାତ୍ରି ପାଇଁ ମନ୍ଦିରରେ ନୀତିକାନ୍ତି ଅନୁଷ୍ଠିତ ହୋଇଥିବାବେଳେ ୫ଜଣ ଲେଖାଏ ଶ୍ରଦ୍ଧାଳୁଙ୍କୁ ଠାକୁର ଦର୍ଶନ କରିବାକୁ ଛଡ଼ାଯାଇଥିଲା।

## ଦୀପ ଜାଳିବାବେଳେ ପୋଡ଼ିଗଲେ ମହିଳା

ଅସ୍ତରଙ୍ଗ, ୮।୩(ପ୍ରଦୀପ୍ତ କୁମାର ଦୀକ୍ଷିତ):

ପୁରୀ ଜିଲା ଅସ୍ତରଙ୍ଗ ଥାନା ନଗର ପଞ୍ଚାୟତ ଅଧୀନ ଦକ୍ଷିଣପନ୍ତାଳସ୍ଥିତ ପଶ୍ଚିମେଶ୍ୱର ଶିବ ମନ୍ଦିର ପରିସରରେ ଶୁକ୍ରବାର ଜାଗରରେ ଅଘଟଣ ଘଟିଛି। ଜଣେ ମହିଳା ଶ୍ରଦ୍ଧାଳୁ ଦୀପ ପ୍ରଜ୍ୱଳନ କରୁଥିବାବେଳେ ତାଙ୍କ ଶରୀରରେ ନିଆଁ ଲାଗି ପୋଡ଼ିଯାଇଛି। ସେ ହେଲେ ଦକ୍ଷିଣପନ୍ତାଳ ଗ୍ରାମର ସୁଚିତ୍ରା ସ୍ୱାଇଁ(୩୫)। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ

### ମେଡିକାଲରେ ମିଳିଲାନି ଆମ୍ବୁଲାନ୍ସ

ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ନିରାଶ ହୋଇଥିଲେ। ଫଳତଃ ପ୍ରାୟ ୨ଘଣ୍ଟା ଧରି ସୁଚିତ୍ରା ଯନ୍ତ୍ରଣାରେ ପଡ଼ିରହିବା ପରେ ତାଙ୍କୁ ଏକ ଘରୋଇ ଗାଡ଼ିରେ ପରିବାର ଲୋକେ ଅନ୍ୟ ହସ୍ପିଟାଲକୁ ନେଇଥିଲେ। ଏଥିରୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା କିପରି ମିଳୁଛି ତାହା ସହଜେ ଅନୁମାନ କରାଯାଇପାରେ।

## ସରୋଜଙ୍କ ସଚ୍ଚୋଟତା: ବ୍ୟାଙ୍କକୁ ଟଙ୍କା ଫେରାଇଲେ

କଣାସ, ୮।୩(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତର ସରୋଜ କୁମାର ମାର୍ଥା ନିଜର ସଚ୍ଚୋଟତା ଦେଖାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସରୋଜ ସିସି ରୋଡ୍ କାମ ଟେଣ୍ଡର ନେଇଥିଲେ। ତାଙ୍କୁ କାମ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଡେଲାଙ୍ଗ ୟୁକୋ ବ୍ୟାଙ୍କର ୨ ଲକ୍ଷ ଟଙ୍କାର ଏକ ଚେକ୍ ଦିଆଯାଇଥିଲା। ଏହି ଚେକ୍ ନେଇ ସେ ଡେଲାଙ୍ଗ ୟୁକୋ ବ୍ୟାଙ୍କରେ ଜମା କରିବାରୁ ତାଙ୍କୁ ଭୁଲବଶତଃ ୨ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେ ଘରେ ପହଞ୍ଚି ଗଣିଲାବେଳକୁ ଅଧିକ ଟଙ୍କା ଥିବା ଜାଣିବାକୁ ପାଇଥିଲେ। ପରେ ସରୋଜ ସ୍ଥାନୀୟ ସରପଞ୍ଚଙ୍କ ବ୍ୟାଙ୍କକୁ ଆସି ୮୦ ହଜାର ଟଙ୍କା ଫେରସ୍ତ ଦେବାରୁ ଶାଖା ପରିଚାଳକ ଓ କ୍ୟାଶିୟର ତାଙ୍କୁ ପ୍ରଶଂସା କରିଥିଲେ।

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶ୍ୟାମସୁନ୍ଦର



@ ପ୍ରତିମା



@ ପ୍ରଦୀପ୍ତ



@ ତରୁଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ପୂଜାର୍ଚ୍ଚନା କଲେ, ଜାଗର ଦୀପ ଜାଳିଲେ

କୋଣାର୍କ,୮।୩ (ଜ୍ୟୋତିରାଜ ମହାନ୍ତି):

ମହାଶିବରାତ୍ରିରେ ଶୁକ୍ରବାର ପୁରୀ ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀ ଶ୍ରୀ ବାଲିକପିଳେଶ୍ୱରଙ୍କ ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେବାୟତ ସଂଘ ପକ୍ଷରୁ ପ୍ରାତଃରୁ ଠାକୁରଙ୍କ ନୀତିକାନ୍ତି କରାଯାଇଥିଲା। ଭକ୍ତଙ୍କ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା ସହ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା। ସନ୍ଧ୍ୟାରେ ପୀଠ ନିକଟ ବାଲୁକା ପଡିଆରେ ଭକ୍ତମାନେ ଉଜାଗର ହୋଇ ଜାଗରଦୀପ ଜାଳିଥିଲେ। ସମସ୍ତ ନୀତିକାନ୍ତି ଓ ହରିହର ଭେଟ ପରେ ରାତ୍ର ପ୍ରାୟ ୩ଟାରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ହରିବୋଲ ହୁଳହୁଳିରେ ପରିବେଶ ଭାବମୟ ହୋଇପଡ଼ିଥିଲା। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପଦ ସେଠୀଙ୍କ ତତ୍ତ୍ୱାବଧାନରେ ୯ଜଣ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗୋପ ତହସିଲଦାର ରଞ୍ଜନ କୁମାର ପରିଡ଼ା, ବାଲିକପିଳେଶ୍ୱର ଉନ୍ନୟନ କମିଟି ସଭାପତି ଗୋପାଳ ଚନ୍ଦ୍ର ବେହେରା, ତରକୋର ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତି ସଭ୍ୟ କାଶୀନାଥ ନାୟକ, ସମାଜସେବୀ ରମାକାନ୍ତ ବେହେରା, ଦୁର୍ଯ୍ୟୋଧନ ଖାଟୋଇ, ବାବୁଲି ବେହେରା, ବ୍ରହ୍ମାନନ୍ଦ ସେନାପତି, ସ୍ୱେଚ୍ଛାସେବୀ ପରିଚାଳନା ସଂଯୋଜକ ରାମକୃଷ୍ଣ ମହାନ୍ତି, ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଜାଗର ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସୁନ୍ଦରପଦାର ଜେଏସ୍‌କେ ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ ସଂସ୍ଥା ପକ୍ଷରୁ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

### ବାଲିକପିଳେଶ୍ୱର ପୀଠ



# ସବୁଠି ଶୁଭିଲା ଓଁ ନମଃ ଶିବାୟ

ସାକ୍ଷୀଗୋପାଳ/ପିପିଲି/ନିମାପଡ଼ା/କଣାସ/ ଚାରିଛକ/ଅସ୍ତରଙ୍ଗ/ନୟାହାଟ/ଯୋଗେଶ୍ୱରପୁର,(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ/ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର/ରଞ୍ଜନ ପଟ୍ଟନାୟକ/ ବିଭୂତି ଭୂଷଣ ତ୍ରିପାଠୀ/ ଶିଶିର ସ୍ୱାଇଁ/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା/ ମହମ୍ମଦ ସମସୁଲ ଆରଫିନ/ରଶ୍ମିରଞ୍ଜନ ସାହୁ):

ମହାଶିବରାତ୍ରି ପାଇଁ ଶୁକ୍ରବାର ପୁରୀ ଜିଲାର ସମସ୍ତ ଶୈବପୀଠ ଉତ୍ସବମୁଖର ହୋଇ ଉଠିଥିଲା। ମନ୍ଦିରଗୁଡ଼ିକୁ ଫୁଲ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସବୁଠି ଓଁ ନମଃ ଶିବାୟ ଶୁଣିବାକୁ ମିଳିଥିଲା। ସାକ୍ଷୀଗୋପାଳ ଅଞ୍ଚଳର ମନ୍ଦିରଗୁଡ଼ିକରେ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥିଲା। ସତ୍ୟବାଦୀର ବରାଳବାଲୁଙ୍କେଶ୍ୱର ଦେବ, ଷୋଳହଳ ଲୋକନାଥ ଦେବ, ବଡ଼କାଞ୍ଜିଆସ୍ଥିତ କୋଶଳେଶ୍ୱର ଦେବ, ଅହମ୍ମଦପୁରସ୍ଥିତ ମୁଆଁଖିଆ ମହାଦେବ, ସାଣରାଶାସନସ୍ଥିତ ନୀଳକଣ୍ଠେଶ୍ୱର ଦେବ, ବଳପୁର ବାଲୁଙ୍କେଶ୍ୱର ଦେବ, କାଦୁଆ ଗ୍ରାମ ବକ୍ରେଶ୍ୱର ଦେବ, ଶ୍ରୀରାମଚନ୍ଦ୍ରପୁର ଜଟେଶ୍ୱର ଦେବ, ଡାହାଣର ଡାହାଣେଶ୍ୱର, ଜୟପୁର ବାଟ ଲୋକନାଥ, ଇନ୍ଦିପୁରର କୁମାରେଶ୍ୱର, ବାଲିସାହିର ଖରାଖିଆ ମହାଦେବ, ସେବକ ସାହିର ଅନନ୍ତେଶ୍ୱର, ଅଲଗୁମ୍ଫ ଗଡିଶ୍ୱର, ସାକ୍ଷୀଗୋପାଳ ବଜାରରେ ରତ୍ନେଶ୍ୱର, ଖଜୁରେଶ୍ୱର, ବିଦ୍ୟାଧରପୁରର ଶ୍ରୀକୁଣ୍ଡଳେଶ୍ୱରଙ୍କ ସମେତ ସମସ୍ତ ଶୈବପୀଠରେ ଭକ୍ତଙ୍କ ସମାଗମ ଲାଗିରହିଥିଲା। ନାମଯଜ୍ଞ, ରାମଲୀଳା, ପାଲା, ସଂକୀର୍ତ୍ତନ, ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଭକ୍ତ ରାତିସାରା ଉଜାଗର ରହି ଦୀପ ଜାଳିଥିଲେ। ବିଳମ୍ବିତ ରାତିରେ ହରିହର ଭେଟ ଓ ବଡ଼ସିଂହାର ବେଶ ପରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ପିପିଲିର ସିଦ୍ଧେଶ୍ୱରଦେବ ସୋସିଆଲ ଅର୍ଗାନାଇଜେଶନ ଆନୁକୂଲ୍ୟରେ ଜାଗର ମହୋତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୋବର୍ଦ୍ଧନପୁର ଦୟାନଦୀ ପାର୍ଶ୍ୱସ୍ଥ ଶ୍ରୀଗଡିଶ୍ୱରଦେବ ମନ୍ଦିରରେ ମହାଶିବରାତ୍ରି ପାଳନ ସହ ଆଧ୍ୟାତ୍ମିକ ଗୁରୁ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଭଜନ, କୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ପିପିଲି ସମଲପୁରସ୍ଥିତ ନାଗେଶ୍ୱରୀ ଶାନ୍ତି ସେବାଶ୍ରମରେ ମୁଖ୍ୟ ନାଗେଶ୍ୱରୀ ବାବାଙ୍କ ତତ୍ତ୍ୱାବଧାନରେ ଜାଗର ଉତ୍ସବ ପାଳନ କରାଯାଇଛି। ପୂଜାର୍ଚ୍ଚନା, ଭଜନ, କୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଖଣ୍ଡିଆଗିରିଠାରେ ବାବା ହୁଙ୍କେଶ୍ୱର ଦେବ, ବୁଢାପଡାର ସୋମନାଥ ମନ୍ଦିର, ହରିରାଜପୁରର ପଶ୍ଚିମଶମ୍ଭୁ ମନ୍ଦିର, ବାଗେଶ୍ୱରପୁରର ରାମେଶ୍ୱର ମନ୍ଦିର, ମିର୍ଜାପୁରର ଅମୃତେଶ୍ୱର ମନ୍ଦିର, ସଂପୁରର ଅଷ୍ଟଶମ୍ଭୁ ମହାଦେବ ମନ୍ଦିର, ଲୋହପୁରର ବିଶ୍ୱନାଥ ମନ୍ଦିର, ପମସରାର ଅର୍ଜ୍ଜୁନେଶ୍ୱର ମନ୍ଦିର, ସମଲପୁରର ମକରବା ଶିବ ମନ୍ଦିର, ଦରଡାର ସୋମନାଥ ମନ୍ଦିର, ଦୁର୍ଗାଦାସପୁରର ନୀଳକଣ୍ଠେଶ୍ୱର ମନ୍ଦିର ସମେତ ଆଖପାଖ ଶିବ ମନ୍ଦିରରେ ମହାଶିବରାତ୍ରୀ ପାଳନ କରାଯାଇଛି। କଣାସ ବ୍ଲକ କାତପଡ଼ାର ନୀଳକଣ୍ଠେଶ୍ୱରଦେବ, ତ୍ରିଲୋଚନପୁରର କପିଳେଶ୍ୱରଦେବ, ନୂଆପଡ଼ାର ବାଙ୍କେଶ୍ୱରଦେବ, ସିରେଇର ଗଡିଶ୍ୱରଦେବ, କଣାସର ବାବା ଲୋକନାଥ, ଦୋକନ୍ଦାର ନୀଳକଣ୍ଠେଶ୍ୱର ଦେବ, ବାଲିପାଟଣାର ଲୋକନାଥଦେବ, ବଡାସର ବୈଦ୍ୟନାଥ ଦେବ, ଜଙ୍କିଆର କପିଳେଶ୍ୱର ଦେବ, ଗଡିଶାଗୋଦାର ହଟକେଶ୍ୱରଦେବ, ବେଣାଗାଁର କପିଳେଶ୍ୱରଦେବ, ସାହାସପୁରର ଗଡିଶ୍ୱରଦେବ, ଗଡବଳଭଦ୍ରପୁରର ସ୍ୱପ୍ନେଶ୍ୱରଦେବ, ସିଦ୍ଧେଶ୍ୱରର ସିଦ୍ଧେଶ୍ୱର ଦେବ, ଝୁଣ୍ଟିଆବାଣପୁରର ବିଷ୍ଣୁଶ୍ୱର ଦେବ, ମାଳିସାହିର କୁମୁଦେଶ୍ୱର ଦେବ, ବାରିମଣ୍ଡଳର ଗଡିଶ୍ୱର ଦେବ, ମୋଟରୀର ଗଡିଶ୍ୱର ଦେବ, ରୁଦ୍ରିପୁରର ଆଖଣ୍ଡଳମଣି ଦେବ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ପ୍ରଦୀପ ପ୍ରଜ୍ୱଳନ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ବସିରହିଥିଲେ। ଚାରିଛକର ଅମରେଶ୍ୱରସ୍ଥିତ ବାବା ଅମରେଶ୍ୱର ମହାଦେବ ମନ୍ଦିର, ତୁଳସୀପୁରର ବଦେଶ୍ୱର, ବ୍ରହ୍ମକୁଣ୍ଡିର ବ୍ରହ୍ମେଶ୍ୱର ମହାଦେବ, ବିଶିମାତ୍ରିର ଐଶାନେଶ୍ୱର, ଅଳକୁଣ୍ଡର ନୀଳକଣ୍ଠେଶ୍ୱର, ଛଣିଜଙ୍ଗର ବାବା ବଳେଶ୍ୱର ଦେବ ଶୈବପୀଠରେ ଭକ୍ତମାନେ ଜାଗର ଯାତ୍ରା ପାଳନ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅସ୍ତରଙ୍ଗ ଅଞ୍ଚଳର ପଶ୍ଚିମେଶ୍ୱର, ଐଶାନେଶ୍ୱର, ଗ୍ରାମେଶ୍ୱର, ଈଶାନେଶ୍ୱର ସହ ବିଭିନ୍ନ ଶୈବପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ଜାଗର ଦୀପ ଜାଳିଥିଲେ। କାକଟପୁର ବିଧାୟକ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବିଭିନ୍ନ ଶୈବପୀଠ ବୁଲି ମହାଦେବଙ୍କୁ ଦର୍ଶନ କରିଥିଲେ। ନିମାପଡ଼ା ଅଞ୍ଚଳରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଭୋର୍ ୪ଟାରୁ ନୀତିକାନ୍ତି ହୋଇଥିଲା। ଭକ୍ତମାନେ ରାତି ଉଜାଗର ରହି ମନ୍ଦିର ପରିସରରେ ଦୀପ ଜାଳିଥିଲେ। ମଧ୍ୟରାତ୍ରରେ ମହାଦୀପ ଉଠିଥିଲା। ସମାଜସେବୀ ଜିତୁ ମହାନ୍ତି, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସୁବ୍ରତ ପଟ୍ଟନାୟକ ଏବଂ ଉଲ୍ଲାସ ପ୍ରଧାନ ପ୍ରମୁଖ ହରିପୁର ମହାଦେବ, ଗରପଦା ନୀଳକଣ୍ଠେଶ୍ୱର, କୁଆଁସସ୍ଥିତ କର୍ଣ୍ଣକୋଟଳଶ୍ୱର ମହାଦେବ, ନିମାପଡ଼ା ହାଟ ଛକ ପୂର୍ଣ୍ଣେଶ୍ୱର ମନ୍ଦିର ପ୍ରଭୃତି ବୁଲି ଠାକୁର ଦର୍ଶନ କରିଥିଲେ। ନୟାହାଟର ଆଖଣ୍ଡଳମଣି ମନ୍ଦିର, ପାଣିଛତ୍ରର ରାମେଶ୍ୱର, ନିଭରଣର ଗ୍ରାମେଶ୍ୱର, ଧୁମାଳୋର ଧବଳେଶ୍ୱର, ପିତାପଡ଼ାର ଅଙ୍ଗେଶ୍ୱର ପ୍ରଭୃତି ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ବିଭିନ୍ନ ସ୍ଥାନରେ ଭଜନ, କୀର୍ତ୍ତନ, ନାମଯଜ୍ଞ ଆଦି ହୋଇଥିଲା। ସନ୍ଧ୍ୟାରେ ଅନେକ ଭକ୍ତ ମନ୍ଦିର ପରିସରରେ ଦୀପ ଜାଳି ରାତି ଉଜାଗର ରହିଥିଲେ। ବିଳମ୍ବିତ ରାତିରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ସେହିପରି ଯୋଗେଶ୍ୱରପୁର ଶିବ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ସହ ଜାଗର ଦୀପ ଜାଳିଥିଲେ।



ଚାରିଛକଠାରେ ଜଣେ ଶିଳ୍ପୀଙ୍କ ଦ୍ୱାରା ମୁରୁଜରେ ଅଙ୍କିତ ଶିବଙ୍କ ପ୍ରତିଛବିକୁ ଲୋକେ ଦେଖୁଛନ୍ତି ।

## 'ଈଶ୍ୱର ବିଶ୍ୱାସୀ ହୁଅନ୍ତୁ ଶ୍ରଦ୍ଧାଳୁ'

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମସ୍ଥିତ ଲକ୍ଷେଶ୍ୱର ପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏହି ଅବସରରେ ଲକ୍ଷେଶ୍ୱର ବଡ଼ସିଂହାର ସେବା ସମିତି ପକ୍ଷରୁ ଧର୍ମସଭା ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀମନ୍ଦିର ଛତିଶା ନିଯୋଗ ସେବାୟତ ଜନାର୍ଦ୍ଦନ ପାଢୀଯୋଶୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଧର୍ମାନୁଗାମୀ ଓ ଈଶ୍ୱର ବିଶ୍ୱାସୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ଭାବେ ପୁରୀ ମହାପ୍ରକାଶ ମଠର ମହନ୍ତ ଶୁଭାନନ୍ଦ ପୁରୀ ଯୋଗଦେଇଥିଲେ। ଲକ୍ଷେଶ୍ୱର ଆଞ୍ଚଳିକ ସାଂସ୍କୃତିକ ପରିଷଦ ପକ୍ଷରୁ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।


ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁ ବୃହତ୍ ମହାଦୀପକୁ ପ୍ରଜ୍ୱଳନ କରୁଛନ୍ତି।


କଟକ ସତୀଚୌରା ଛକସ୍ଥିତ କଟକେଶ୍ୱର ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳୁଛନ୍ତି।

# ଉପବାସ ରହି ଜାଗର ଜାଳିଲେ

କଟକ,୮।୩(ଶିଲ୍ପା ପ୍ରିୟଦର୍ଶିନୀ)

ମହାଶିବରାତ୍ରି ପାଇଁ ଶୁକ୍ରବାର କଟକ ସହରର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇପଡିଥିଲା। ଫୁଲ ଓ ରଙ୍ଗିନ୍ ଆଲୋକମାଳାରେ ଶିବ ମନ୍ଦିର ଝଲସୁଥିଲା। ଭକ୍ତିମୟ ପରିବେଶରେ ଶ୍ରଦ୍ଧାଳୁମାନେ ଲମ୍ୱାଧାଡିରେ ଯାଇ ଭୋଳାବାବାଙ୍କୁ ଦର୍ଶନ କରିଥିଲେ। ବିଶେଷକରି ସହରରେ ଥିବା ଗଡ଼ଗଡେଶ୍ୱର ମନ୍ଦିର, ଚହଟେଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ବେଲେଶ୍ୱର ମନ୍ଦିର, ଅମରେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶୁକ୍ରବାର ଭୋର ସମୟରେ ମନ୍ଦିରର ଦ୍ୱାର ଫିଟାଯାଇ ଠାକୁଙ୍କ ବିଭିନ୍ନ ନୀତି କରାଯାଇଥିଲା। ସେହିପରି ମଧ୍ୟାହ୍ନରେ ମଧ୍ୟାହ୍ନ ଭୋଗ, ସନ୍ଧ୍ୟାରେ ଆଳତି କରାଯାଇଥିଲା। ରାତିରେ ରୁଦ୍ରାଭିଷେକ ଓ ହରିହର ଭେଟ ପରେ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ମହାଦୀପ ଉତ୍ସର୍ଗ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଉପବାସ ରହି ଜାଗର ଦୀପ ଜାଳିଥିଲେ। ସେମାନଙ୍କ ପାଇଁ ମନ୍ଦିର ପରିସରରେ ବ୍ୟବସ୍ଥା କରାଯାଇଥିଲା। ମହାଦୀପ ଉଠିବା ପରେ ବହୁ ମନ୍ଦିରରେ ପ୍ରସାଦ ବଣ୍ଟନ କରାଯାଇଥିଲା।

ମହାଶିବରାତ୍ରି ଉପଲକ୍ଷେ କଟକ ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମନ୍ଦିରରେ ଏକ ବୃହତ ଦୀପ ଜଳିଥିଲା। ସେଥିରେ ଦେଢ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଘିଅ ଭର୍ତ୍ତି କରାଯାଇଥିଲା। ଏହି ଦୀପକୁ କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳର କାରିଗର ଶିବ ପ୍ରସାଦ ବେହେରା ତିଆରି କରିଥିଲେ। ଏହି ଦୀପର ଉଚ୍ଚତା ୧୫ ଇଞ୍ଚ, ଓସାର ୪ଫୁଟ୍ ଓ ଲମ୍ୱ ୩ ଫୁଟ ରହିଛି। ଏହି ଦୀପକୁ ଅଷ୍ଟଶମ୍ଭୁ ମନ୍ଦିର କମିଟି ପକ୍ଷରୁ ତିଆରି ପାଇଁ ଅର୍ଡର ଦିଆଯାଇଥିଲା।


କଟକ ସଦର ଅଞ୍ଚଳର ପରମହଂସନାଥ ଦେବ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।

## ବରଫରେ ଶିବଲିଙ୍ଗ

କଟକ,୮।୩(ଶିଲ୍ପା ପ୍ରିୟଦର୍ଶିନୀ)

ମହାଶିବରାତ୍ରି ଅବସରରେ ଶୁକ୍ରବାର ବରଫରେ ୨୭ ସେଣ୍ଟିମିଟର ଉଚ୍ଚତାର ଶିବଲିଙ୍ଗ ପ୍ରସ୍ତୁତ କରାଯାଇଛି। କଟକ ଗଙ୍ଗାମନ୍ଦିର ଅଞ୍ଚଳର ସୁପ୍ରିୟା ବେହେରା, ତନିସ୍କା ଶର୍ମା, ଅଂଶୁ ମହାନ୍ତ, ଲିସା ବେହେରା ଓ ସଂଘମିତ୍ରା ବେହେରା ଏହାକୁ ତିଆରି କରିଛନ୍ତି। ଏହି ପିଲାମାନଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହାକୁ ପ୍ରସ୍ତୁତ ପାଇଁ ଗତ ୩ ଦିନ ହେବ ଉଦ୍ୟମ କରିଥିଲେ। ୫ ଆକୃତିର ବରଫ ଖଣ୍ଡକୁ ମିଶାଇ ଶିବଲିଙ୍ଗର ରୂପ ଦେଇ ପୂଜା କରିଥିବା ନେଇ ପିଲାମାନେ କହିଛନ୍ତି।



## ରାଜାଧିରାଜ ବେଶରେ ସର୍ପେଶ୍ୱର

ଖୁଣ୍ଟୁଣୀ, ୮।୩(ସଚ୍ଚିଦାନନ୍ଦ ପଣ୍ଡା)



ଆଠଗଡ଼ର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ସର୍ପେଶ୍ୱର ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ନୀତିକାନ୍ତି ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ସର୍ପେଶ୍ୱର ଉନ୍ନୟନ ପରିଷଦକୁ କଟକ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଦାନ ଆକାରରେ ଦିଆଯାଇଥିବା ୨୮ କିଲୋ ଓଜନର ଚାନ୍ଦି ରୁପା ଅଳଙ୍କାରରେ ବାବାଙ୍କୁ ବିମଣ୍ଡିତ କରାଯାଇ ରାଜାଧିରାଜ ବେଶରେ ସଜ୍ଜିତ କରାଯାଇଥିଲା। ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଆଠଗଡ଼ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁରରେ କଳାଗ୍ନି ମହାଦେବଙ୍କ ପୀଠରେ ଦେବାଧିଦେବ ମହାଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଚନ୍ଦ୍ରଶେଖର, ଗଙ୍ଗେଶ୍ୱର, ଧବଳେଶ୍ୱର, ଲୋକନାଥ, ବଟେଶ୍ୱର, ବିଶ୍ୱେଶ୍ୱର ମହାଦେବ ପୀଠ ସମେତ ବିଭିନ୍ନ ଶୈବପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

**ମାହାଙ୍ଗା (ଯଯାତି ସିଂହ):** ମାହାଙ୍ଗାରେ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ତ୍ରିବେଣିଶ୍ୱର ପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏନେଇ ପୀଠରେ ବହୁ ଭକ୍ତ ଭିଡ଼ ହୋଇଥିଲା। ପୀଠରେ ଯଥାରୀତି ଅନୁଯାୟୀ ସମୂହ ଦୀପ ଦାନ, ରୁଦ୍ରାଭିଷେକ,ସନ୍ଧ୍ୟା ଆଳତି ଓ ଭଜନ ସନ୍ଧ୍ୟା ଆଦି ଆୟୋଜନ କରାଯାଇଥିଲା। ରାତିରେ ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ସେହିପରି ହରିହରପୀଠ, କପିଳେଶ୍ୱର ମନ୍ଦିର, ପଣସପୁରସ୍ଥିତ ଈଶାଣେଶ୍ୱର, ଶ୍ରୀଶ୍ରୀ ବୀର ଭଦ୍ରେଶ୍ୱରପୀଠ, ଅଡ଼ମସ୍ଥିତ ଅମରେଶ୍ୱର ଓ ଅନ୍ୟାନ୍ୟ ଶୈବପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି।

## ଧବଳେଶ୍ୱରଙ୍କୁ ଦର୍ଶନକଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୮।୩ (ସଚ୍ଚିଦାନନ୍ଦ ପଣ୍ଡା)

ମହାଶିବରାତ୍ରି ଅବସରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋର ସାଢେ ୪ଟାରେ ମନ୍ଦିର ଦ୍ୱାର ଫିଟାଯାଇ ଠାକୁରଙ୍କ ସ୍ନାନ ଓ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା। ବିଭିନ୍ନ ପୁଷ୍ପରେ ଠାକୁରଙ୍କ ସ୍ୱତନ୍ତ୍ର ବେଶ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ଭୋଗନୀତି ପରେ ସନ୍ଧ୍ୟାରେ ଆଳତି, ଦହି ବାଟୁଳା ଭୋଗ ଲାଗି କରାଯାଇଥିଲା। ଏହାପରେ ରାତ୍ର ୭ଟାରୁ ସ୍ୱତନ୍ତ୍ର ଚାରି ପ୍ରହର ପୂଜା କରାଯାଇଥିଲା। ପ୍ରତି ପ୍ରହର ପୂଜାରେ ଧବଳେଶ୍ୱରଙ୍କୁ କ୍ଷୀର, ଘିଅ, ମହୁ, ୧୦୮ ପଇଡ଼ ଜଳ, ଲହୁଣି, ଆଖୁରସ ଓ ଗଙ୍ଗାଜଳରେ ଅଭିଷେକ କରାଯାଇଥିଲା। ମଧ୍ୟରାତ୍ରିରେ ଅରୁଆ ଚାଉଳ ଚୁନା, ଗୁଡ଼, ଘିଅରେ ପ୍ରସ୍ତୁତ ମାଣ୍ଡୁଅ ଭୋଗ ଠାକୁରଙ୍କ ପାଖରେ ଲାଗି କରାଯାଇଥିଲା। ଏହାପରେ ହରିହର ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ପରେ ସେବକମାନେ ରାତି ୧ଟାରେ ବିମାନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କୁ ବିଜେ କରାଇ ମହାଦୀପ ସହ ୩ ଘେରା ବେଢା ପରିକ୍ରମା କରିବା ପରେ ସାଢେ ୧ଟାରେ ମହାଦୀପ ମନ୍ଦିର ଶିଖରକୁ ଉଠିଥିଲା ବୋଲି ପୂଜକ ସମାଜ ପକ୍ଷରୁ ଅଜୟ କୁମାର ପତ୍ରି କହିଛନ୍ତି। ଦେବୋତ୍ତର ବିଭାଗ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ପୂଜକ ସମିତି ସଭାପତି ବିଷ୍ଣୁଚରଣ ପତ୍ରି, ସମ୍ପାଦକ ନରେନ୍ଦ୍ର ପଣ୍ଡାଙ୍କ ସମେତ ସେବକମାନେ ଜାଗର ନୀତି ସମ୍ପନ୍ନ କରିଥିଲେ। ପୀଠରେ ଆଠଗଡ଼ ଉପଜିଲାପାଳ ତଥା ଦେବୋତ୍ତର ମୁଖ୍ୟ ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ମାଜିଷ୍ଟ୍ରେଟ୍ ଭାବେ ତହସିଲଦାର ଅଶୋକ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଆଇଆଇସି ପରେଶ କୁମାର ମହାନ୍ତି, ଧବଳେଶ୍ୱର ଫାଣ୍ଡି ଅଧିକାରୀଙ୍କ ସମେତ ୨୦୦ ପୋଲିସ କର୍ମଚାରୀ ପୀଠରେ ସଜାଗ ରହିଥିଲେ।



## ସବୁଠି ଆଗରେ ମହିଳା

**ଅନ୍ତର୍ଜାତୀୟ ମହିଳା ଦିବସ**

କଟକ/ ବାଙ୍କୀ,୮।୩(ଶିଲ୍ପା ପ୍ରିୟଦର୍ଶିନୀ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଏସ୍‌ସିବି ମେଡ଼ିକାଲରେ ଓଡ଼ିଶା ନର୍ସିଂ ଏମ୍ପ୍ଲଇଜ୍ ଆସୋସିଏଶନ ଏସ୍‌ସିବି ବ୍ରାଞ୍ଚ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଇନ୍‌ଚାର୍ଜ ସାବିତ୍ରୀ ନାୟକ, ମୁଖ୍ୟବକ୍ତା ଭାବେ ରିତାଞ୍ଜଳୀ ସ୍ୱାଇଁ ଯୋଗଦେଇ ମହିଳାମାନେ ସବୁକ୍ଷେତ୍ରରେ ଆଗଧାଡିରେ ରହିବା ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନର୍ସିଂ କଲେଜ ଅଧ୍ୟକ୍ଷା ମମତା ଆଚାର୍ଯ୍ୟ, କନକଲତା ବେହେରା, ଶ୍ରୀମତୀ ସାହୁ, ମିନତି ଦାସ, ସଂଯୁକ୍ତା ମଲ୍ଲିକ ଓ ସମ୍ପାଦିକା ସରୋଜିନୀ ଜେନା ଯୋଗଦେଇଥିଲେ। ଆସୋସିଏଶନ ସଭାପତି ଝରଣା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନସ୍ୱିତା ପରିଡା ଧନ୍ୟବାଦ ଦେଇଥିଲେ।

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ପକ୍ଷରୁ ଯୁବବନ୍ଧୁ ଭବନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ କେନ୍ଦ୍ରୀୟ ଜୋନ୍‌ର ଜିଲା ପରିଷଦ ସଭ୍ୟା ମିନତୀ ମହାପାତ୍ର ଯୋଗଦେଇଥିଲେ। ସେହିପରି ଡମପଡ଼ା ବ୍ଲକ ତାଳବସ୍ତ ପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁର ମିଶନ ଶକ୍ତି ମହିଳାଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ବ୍ଲକ ସଂଯୋଜକ ଅକ୍ଷୟ ଭଞ୍ଜ, ସମିତି ସଭ୍ୟା ସଂଯୁକ୍ତା ବରାଡ, ସମ୍ମାନିତ ଅତିଥି ରାଜକିଶୋର ମହାନ୍ତି, ଅକ୍ଷୟ ସାମଲ, ବଂଶୀଧର ମହାପାତ୍ର, ଅନସୂୟା ସାହୁ, ଆଇନଜୀବୀ ବିଶ୍ୱପ୍ରସାଦ ରଥ, ନୀଳମଣି ରଣା, ସୁଲୋଚନା ରଥ ଯୋଗଦେଇଥିଲେ।

## 'ଶୃଙ୍ଖଳିତ ଜୀବନଶୈଳୀ ପ୍ରତି ଗୁରୁତ୍ୱ ଦିଅନ୍ତୁ କର୍ମଜୀବୀ ମହିଳା'

କଟକ,୮।୩ (କାର୍ତ୍ତିକ ସାହୁ)



ଆକାଶବାଣୀ କଟକ କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳିତ ହୋଇଯାଇଛି। ମହିଳା ସପ୍ତାହର ବିଭିନ୍ନ ଦିବସରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ କର୍ମଜୀବୀ ମହିଳାଙ୍କ ଦକ୍ଷତା ବୃଦ୍ଧି ଦିଗରେ ଉପାଦେୟ ପରାମର୍ଶ ଆଲୋଚନା ମାଧ୍ୟମରେ ପ୍ରଦାନ କରିଛନ୍ତି। ଆଚାର୍ଯ୍ୟ ହରିହର କର୍କଟ ନିଦାନ କେନ୍ଦ୍ରର ପ୍ରଫେସର ଡା. ଦୀପ୍ତିରାଣୀ ସାମନ୍ତ ଯୋଗଦେଇ କର୍ମଜୀବୀ ମହିଳାମାନେ ଶୃଙ୍ଖଳିତ ଜୀବନଶୈଳୀ ପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି କହିଥିଲେ। ଏଥିସହ କର୍କଟ ରୋଗ ସଚେତନତା ଉପରେ ସେ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଉପସ୍ଥିତ ମହିଳା କର୍ମଚାରୀମାନେ ପଚାରିଥିବା ଏ ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନର ଉତ୍ତର ଡା. ସାମନ୍ତ ଦେଇଥିଲେ। ସେହିପରି ଶ୍ରୀ ଶ୍ରୀ ୟୁନିଭର୍ସିଟି ଯୋଗ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ପ୍ରତିଭା ଶ୍ରୀ ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଯୋଗର ବିଭିନ୍ନ ଉପକାରୀ ଆସନ ସମ୍ପର୍କରେ ମହିଳାମାନଙ୍କୁ ସେ ସଚେତନ କରିଥିଲେ। ଏହି ଅବସରରେ ମହିଳା କର୍ମଚାରୀମାନେ ଯୋଗାଭ୍ୟାସ କରିଥିଲେ। ଆକାଶବାଣୀ କଟକ କେନ୍ଦ୍ରର କର୍ମଚାରୀ ଜୟଶ୍ରୀ ପଣ୍ଡା ପ୍ରଶିକ୍ଷଣ ଦେଇଥିଲେ। ଆକାଶବାଣୀ ପରିସରରେ ଶୁକ୍ରବାର ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ୍‌ର ଆଇନ ପରାମର୍ଶଦାତା ଡ. ରୁନା ସାହୁ ଯୋଗଦେଇ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଅସଦାଚରଣ ବିରୋଧରେ ଆଇନ ସଚେତନତା ବିଷୟରେ ଆଲୋଚନା କରିଥିଲେ। କଟକ କେନ୍ଦ୍ରର କାର୍ଯ୍ୟାଳୟ ମୁଖ୍ୟ ପ୍ରକାଶ କୁମାର ପତିଙ୍କ ସମେତ ବରିଷ୍ଠ କର୍ମଚାରୀମାନେ ଯୋଗଦେଇଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ୟାମସୁନ୍ଦର


@ ପ୍ରତିମା


@ ପ୍ରଦୀପ୍ତ


@ ତରୁଣ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


## ଶିବ ମନ୍ତ୍ରରେ ଶୈବପୀଠ ପ୍ରକମ୍ପିତ

ନିଆଳି,୮।୩(ସୁକାନ୍ତ କୁମାର ସିଂହ)

ମହାଶିବରାତ୍ରି ଅବସରରେ ନିଆଳି ଅଞ୍ଚଳର ପ୍ରସିଦ୍ଧ ଶୋଭନେଶ୍ୱର ମହାଦେବଙ୍କ ମନ୍ଦିରରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳେ ଠାକୁରଙ୍କ ସ୍ନାନ ଓ ବିଭିନ୍ନ ନୀତି ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଭଜନ କୀର୍ତ୍ତନ, ଲଉଡ଼ି ଖେଳ ଦେଖିବାକୁ ମିଳିଥିଲା। ସେହିପରି ପ୍ରାଚୀତଟସ୍ଥ ଅନ୍ଧକପିଳେଶ୍ୱର ମନ୍ଦିର, ତ୍ରିବେଣୀଶ୍ୱର ମନ୍ଦିର, ପୁର୍ନେଶ୍ୱର ମନ୍ଦିର ଓ ରାମେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଉପବାସ ରହି ଜାଗର ଦୀପ ଜାଳିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାରରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଚୌଦ୍ୱାର ଅଞ୍ଚଳରେ ଅଷ୍ଟଶମ୍ଭୁ କୁହାଯାଉଥିବା କପାଳେଶ୍ୱର, ଚାଟେଶ୍ୱର, ବଟେଶ୍ୱର, ଝୋଟେଶ୍ୱର, କେଦାରେଶ୍ୱର, ଉତ୍ତରେଶ୍ୱର, ବାଲୁଙ୍କେଶ୍ୱର, ମଣିନାଗେଶ୍ୱର ମନ୍ଦିରରେ ଠାକୁର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସନ୍ଧ୍ୟାରେ ବହୁ ଶୈବପୀଠରେ ନାମ ସଂକୀର୍ତ୍ତନ, ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଜାଗର ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ବସି ରହିଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** ମହାଶିବରାତ୍ରି ଅବସରରେ କଟକ ସଦର ବ୍ଲକ ଅଞ୍ଚଳର ପରମହଂସନାଥ ଦେବଙ୍କ ପୀଠରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ରାତିରେ ହରିହର ଭେଟ ଓ ମହାଦୀପ ଉତ୍ସର୍ଗ ଦେଖିବା ପାଇଁ ଶ୍ରଦ୍ଧାଳୁ ଉତ୍ସାହିତ ହୋଇପଡିଥିଲେ। ଏକତରଫା ଟ୍ରାଫିକ ବ୍ୟବସ୍ଥା ପାଇଁ ୪୨ ମୌଜା ଅଞ୍ଚଳର ଲୋକମାନେ ପରମହଂସ ବାଟେ ବାହାରକୁ ଯାଇପାରି ନ ଥିଲେ। ତେଣୁ ସେମାନଙ୍କୁ ମତ୍ତଗଜପୁର ବାଟେ ଯିବାକୁ ପଡିଥିଲା। ଏଥିପାଇଁ ଜନ ଅସନ୍ତୋଷ ଦେଖାଦେବାରୁ ଅପରାହ୍ନରେ ପୋଲିସ ନିୟମରେ କୋହଳ କରିଥିଲା। ସେହିପରି ଦାମୋଦରପୁର (୨)ସ୍ଥିତ ନାଗେଶ୍ୱରନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀ ସୁବାସ ଦାସଙ୍କ ଟିମ୍ ଭଜନ ପରିବେଷଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସଦିଚ୍ଛା ପରିବାରବର୍ଗ


ଲିଜା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜନ୍ମଦିନର ଶୁଭେଚ୍ଛା



ପୁନ୍ୟପ୍ରଭା (ଲିଜା)

ଜନ୍ମଦିନର ଅଭିନନ୍ଦନ। ବାପା, ମମି, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଅଜା, ଆଇ, ମାଉସୀ, ମଉସା, ବୋଉ, ବାପାଙ୍କ ତରଫରୁ ଶ୍ରୀଜଗନ୍ନାଥ ଓ ସାଇନାଥଙ୍କ ପାଖରେ ପ୍ରାର୍ଥନା କରୁ କି ଲିଜାର ଚଲାପଥ କୁସୁମିତ ହେଉ, ସପରିବାର ତରଫରୁ ଅଶେଷ, ଅଶେଷ ଶୁଭେଚ୍ଛା ଓ ଶୁଭ କାମନା ।

ଧ-୨୭୦୩

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

OAS HUB
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫାଇଦା ଖୋଜୁଛି କଂଗ୍ରେସ

**ଭୁବନେଶ୍ୱର,୮।୩(ଅନିଲ ଦାସ):** ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ଚର୍ଚ୍ଚା ହେବା ଦିନରୁ କଂଗ୍ରେସ ଶିବିର ଉତ୍ସାହିତ। ମନ ଉଣା କରି ବସିଥିବା ନେତାମାନେ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଲେଣି। ମେଣ୍ଟକୁ ଏକ ମଉକା ଭାବି ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାକୁ ନେତାଙ୍କ ମଧ୍ୟରେ ଦୌଡ଼ ଆରମ୍ଭ ହେଲାଣି। ଗତ ଦୁଇ ତିନି ଦିନ ହେବ କଂଗ୍ରେସ ଭବନରେ ନେତାଙ୍କ ଭିଡ଼ରୁ ଏଭଳି ସଙ୍କେତ ମିଳିଲାଣି। ଯଦି ମେଣ୍ଟ ହୁଏ ତେବେ ବିଜେଡି-ଭାଜପାରୁ ମୁହଁ ଫେରାଉଥିବା ଭୋଟରଙ୍କ କୃପାଦୃଷ୍ଟି କଂଗ୍ରେସ ଉପରେ ପଡ଼ିବା ନେଇ ନେତାମାନେ ଆଶାବାଦୀ। ମେଣ୍ଟ ହେଲେ ସେଇ ଗୋଳିଆ ପାଣିରୁ କଂଗ୍ରେସ ଫାଇଦା ନେବ ବୋଲି ଏହାର ନେତା ଓ କର୍ମୀମାନେ ଅନାଇ ରହିଛନ୍ତି।

# ମେଣ୍ଟ ଚର୍ଚ୍ଚା ଭିତରେ ୨ ସାମଲ

ବନ୍ତ,୮।୩(ହରି ନାରାୟଣ ମହାନ୍ତି)


ପ୍ରଫୁଲ ସାମଲ


ମନମୋହନ ସାମଲ

ରାଜ୍ୟରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ନେଇ ଚାରିଆଡ଼େ ଚର୍ଚ୍ଚା ଜାରି ରହିଛି। ଏହିପରିପ୍ରେକ୍ଷୀରେ ଯଦି ମେଣ୍ଟ ହୁଏ, ତେବେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନ କାହା ଭାଗରେ ପଡ଼ିବ ଓ କିଏ ପ୍ରାର୍ଥୀ ହେବେ ସେନେଇ ନେତାମାନେ ଚିନ୍ତିତ ଥିବା ବେଳେ କର୍ମୀମାନେ ଅନାଇ ରହିଛନ୍ତି। ଏପରିକି ବିଜେଡିରୁ ପ୍ରଫୁଲ୍ଲ ସାମଲ ଓ ଭାଜପାରୁ ମନମୋହନ ସାମଲଙ୍କ କଥା ମଧ୍ୟ ଉଠିଲାଣି।

୨୦୦୦ ଓ ୨୦୦୪ ବିଧାନସଭା ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହୋଇଥିଲା। ସେହି ଅନୁଯାୟୀ ଭଣ୍ଡାରିପୋଖରୀ ଆସନ ବିଜେଡି ହାତରେ ରହିଥିଲା । ୨୦୦୦ ନିର୍ବାଚନରେ ମେଣ୍ଟ ପ୍ରାର୍ଥୀ ବିଜେଡିର ରଥ ଦାସ ନିର୍ବାଚନ ଲଢ଼ି ୫୯ ହଜାର ୪ ଶହ ୪୧ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ କୁମାରଶ୍ରୀ ଚିରଞ୍ଜୀବ୍ ୩୯ ହଜାର ୭ ଶହ ୮୯ ଭୋଟ ପାଇ ପରାଜିତ ହୋଇଥିଲେ। ୨୦୦୪ ନିର୍ବାଚନରେ ମେଣ୍ଟ ପ୍ରାର୍ଥୀ ବିଜେଡିର ରଥ ଦାସ ନିର୍ବାଚନ ଲଢ଼ି ୫୯ ହଜାର ୬ ଶହ ୭୫ ଭୋଟ ପାଇ ପରାଜିତ ହୋଇଥିଲେ । ସେତେବେଳେ କଂଗ୍ରେସ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ୬୧ ହଜାର ୨ ଶହ ୨୧ ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୦୯ରୁ ଅଦ୍ୟାବଧି ସେଠାରେ ବିଜେଡିର ପ୍ରଫୁଲ୍ଲ ସାମଲ ବିଧାୟକ ରହିଆସିଛନ୍ତି। ଦେଖିବାକୁ ଗଲେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ନିର୍ବାଚନରେ ମେଣ୍ଟ ଥରେ, ବିଜେଡି ୩ଥର ଓ କଂଗ୍ରେସ ଥରେ ଜିତିଛି । ଗତ କିଛି ଦିନ ତଳେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ ସାମଲଙ୍କ ଘରେ ଇଡି ଚଢ଼ାଉ ହେବା ପରଠାରୁ କର୍ମୀଙ୍କ ମହଲରେ ଉତ୍ସାହ ହ୍ରାସ ପାଇଥିବା ଦେଖାଯାଇଛି। ପ୍ରଫୁଲ୍ଲ ଓ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କ ମଧ୍ୟରେ କିଏ ଟିକେଟ ପାଇବେ ସେନେଇ କର୍ମୀମାନେ ଚିନ୍ତାରେ ରହିଥିଲେ। ଏବେ ମେଣ୍ଟ ରାଜନୀତି କର୍ମୀମାନଙ୍କୁ ଆହୁରି ଅଡୁଆରେ ପକାଇଛି।

### ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ

ଏହି ଆସନ ବିଜେଡି ନେବ ନା ଭାଜପା ଭାଗରେ ପଡ଼ିବ, ସେନେଇ କୌଣସି ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ କର୍ମୀମାନେ ଦଳୀୟ ଶୀର୍ଷ ନେତୃତ୍ୱଙ୍କ ଘୋଷଣାକୁ ଅପେକ୍ଷା କରିଛନ୍ତି । ଅପରପକ୍ଷେ ମେଣ୍ଟ ହେଲେ ଏହି ଆସନ ଭାଜପା ଭାଗରେ ପଡ଼ିବ ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏଠାରୁ ନିର୍ବାଚନ ଲଢ଼ିବେ ବୋଲି ଦଳୀୟ କର୍ମୀ ଆଲୋଚନା କରୁଛନ୍ତି। କାରଣ ୨୦୦୯ ନିର୍ବାଚନରେ ମନମୋହନ ସାମଲ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରି ୨୧ ହଜାର ୧୬୦ ଭୋଟ ପାଇ ୩ୟ ସ୍ଥାନରେ ଥିଲେ । ସେହି ନିର୍ବାଚନ ପରଠାରୁ ଭାଜପା ଏହି ଆସନରେ ନିଜର ସ୍ଥିତିକୁ ସୁଦୃଢ଼ କରି ପାରିଛି। ଭାଜପା ପ୍ରାର୍ଥୀ ବଦ୍ରି ନାରାୟଣ ଧଳ ୨୦୧୪ ନିର୍ବାଚନରେ ୨୮ ହଜାର ୮୦୯ ଏବଂ ୨୦୧୯ ନିର୍ବାଚନରେ ୩୯ ହଜାର ୧୪୧ ଭୋଟ ପାଇ ୩ୟ ସ୍ଥାନରେ ରହିଥିଲେ।

# ପ୍ରଶ୍ନବାଚୀରେ ବିଜୟଙ୍କ ଦକ୍ଷତା

ସମରେଶ ପଟ୍ଟନାୟକ

ବିଜେଡିର ପ୍ରତିଷ୍ଠାତା ସଦସ୍ୟ ତଥା ଭାଜପାର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ଗୁରୁବାର ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ନବୀନ ତାଙ୍କୁ କେନ୍ଦ୍ରାପଡ଼ା ଜିଲା କଥା ବୁଝିବାକୁ କହି ଆଶୀର୍ବାଦ ଦେଇଥିଲେ। ଏହି ବିଷୟ ତୁମ ବାପାଙ୍କୁ ଜଣାଇଦେବ ବୋଲି କହିଥିଲେ। ଏହି ସମାନ ଦିନରେ ବିଜେଡି-ଭାଜପା ମେଣ୍ଟ ସଂକ୍ରାନ୍ତୀୟ ଆଲୋଚନା ଶୀର୍ଷ ଛୁଇଁଥିଲା। ସନ୍ଧ୍ୟାରେ ୫-ଟିଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଦିଲ୍ଲୀ ଗସ୍ତ କରିଥିଲେ। ଆସନ ବୁଝାମଣା ନେଇ ନବୀନଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ଭାଜପାର ରାଷ୍ଟ୍ରୀୟ ନେତାଙ୍କ ସହ ଆଲୋଚନା କରାଯାଇଥିବା କୁହାଯାଉଛି।

ଏଭଳି ପ୍ରଚ୍ଛଦପଟରେ ଦୁଇ ଦଳ ମଧ୍ୟରେ ୧୯୯୮ରେ ହୋଇଥିବା ମେଣ୍ଟ କଥା ମନେପଡ଼େ। ସେତେବେଳେ ବିଜୟ ମହାପାତ୍ର ଓ ଭାଜପାର ତତ୍କାଳୀନ ବରିଷ୍ଠ ନେତା ସ୍ୱର୍ଗତ ପ୍ରମୋଦ ମହାଜନଙ୍କ ମଧ୍ୟରେ ଆଲୋଚନା ହେବା ପରେ ମେଣ୍ଟ ଚୁକ୍ତି ହୋଇଥିଲା। ମେଣ୍ଟ ୧୯୯୮, ୧୯୯୯ ଓ ୨୦୦୪ ଲୋକ ସଭା ନିର୍ବାଚନରେ ଅଧିକ ଆସନ ପାଇଥିବା ବେଳେ ୨୦୦୦ ଓ ୨୦୦୪ ଓଡ଼ିଶା ବିଧାନସଭା ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା। ଏବେ ବିଜେଡିରେ ଅରବିନ୍ଦ ଯୋଗଦେବା ପରେ ପାଣ୍ଡିଆନ ୧୯୯୮ ମେଣ୍ଟ ସମୟର ବିଜୟ ମହାପାତ୍ରଙ୍କ ଅଭିଜ୍ଞତାକୁ ଉପଯୋଗ କରି ଆସନ ଭାଗବଣ୍ଟା କରିବାକୁ ସୁଯୋଗ ପାଇବେ ବୋଲି ଚର୍ଚ୍ଚା ହେଲାଣି।

ପ୍ରକାଶଯୋଗ୍ୟ ଯେ, ପୁଅମୁହଁରୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ପରେ ବିଜୟ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ରାଜନୈତିକ ସମୀକ୍ଷକଙ୍କ କହିବା ଅନୁଯାୟୀ ଏଠାରେ ସମସ୍ୟାଟି ହେଉଛି ଯେ, ୧୯୯୮ ବେଳେ ବିଜୟ ମହାପାତ୍ରଙ୍କ ଓଡ଼ିଶା ଉପରେ ଯେଉଁ ଅଭିଜ୍ଞତା ଥିଲା, ତାହା ଏହି ୨୪ ବର୍ଷରୁ ଅଧିକ ସମୟ ଭିତରେ ନିଶ୍ଚିତ ଭାବେ ହ୍ରାସ ପାଇଯାଇଛି। କାରଣ ବିଜୟଙ୍କ ରାଜନୈତିକ ଜୀବନ ସମ୍ପୂର୍ଣ୍ଣ ଭାବେ ଚନ୍ଦ୍ରଗ୍ରହଣ ଭଳି ଅନ୍ଧକାର ହୋଇଯାଇଛି। ତାଙ୍କ ବୁଦ୍ଧିରେ ଯାଇ ପାଣ୍ଡିଆନ କେତେଦୂର ପର୍ଯ୍ୟନ୍ତ ବିଜେଡିର ସ୍ୱାର୍ଥରକ୍ଷା କରିପାରିବେ ତାହା ନିକଟ ଭବିଷ୍ୟତରେ ଜଣାପଡ଼ିବ। ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ଦିଲ୍ଲୀରୁ ଆସିବା ପରେ କହିଛନ୍ତି, ମେଣ୍ଟ ନେଇ ଆଲୋଚନା ହୋଇନି ଓ ଭାଜପା ଏକା ଲଢ଼ିବ। ଆଗକୁ କ'ଣ ହେଉଛି ତା' ଉପରେ ଏବେ ସମସ୍ତଙ୍କ ନଜର।

# ଭାଜପା, ଟିଡିପି, ଜନସେନା ଆସନ ବୁଝାମଣା ଚୂଡ଼ାନ୍ତ

**ନୂଆଦିଲ୍ଲୀ,୮।୩:** ଆନ୍ଧ୍ର ପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ଅଭିନେତାରୁ ରାଜନେତା ସାଜିଥିବା ପବନ କଲ୍ୟାଣଙ୍କ ଜନସେନା ସହ ଭାଜପା ମେଣ୍ଟ କରିବ। ଏନେଇ ଶୁକ୍ରବାର ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଲୋକ ସଭା ନିର୍ବାଚନ ସହ ହେବାକୁ ଥିବା ଆନ୍ଧ୍ର ବିଧାନସଭା ନିର୍ବାଚନ ପାଇଁ ଏହି ବୁଝାମଣା ହୋଇଥିବା କୁହାଯାଉଛି। ତଦନୁଯାୟୀ ରାଜ୍ୟର ୬ରୁ ୮ ଲୋକ ସଭା ଏବଂ ୧୦ରୁ ୧୨ ବିଧାନସଭା ଆସନରେ ଭାଜପା ଲଢ଼ିବ। ସେହିପରି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ଥିବା ଜନସେନା ୩ ଲୋକ ସଭା ଓ ୨୪ ବିଧାନସଭା ଆସନରେ ଲଢ଼ିବାକୁ ଥିବାବେଳେ ଅବଶିଷ୍ଟ ଆସନରେ ଟିଡିପି ପ୍ରାର୍ଥୀ ଦେବ। ଶୁକ୍ରବାର ନୂଆଦିଲ୍ଲୀରେ ଭାଜପା ଓ ଟିଡିପି ମଧ୍ୟରେ ଆଲୋଚନାରୁ ଏହା ଜଣାପଡ଼ିଛି।

# ବିଜେଡି ଛାଡ଼ିଲେ ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ


ସୁଦର୍ଶନ ଜେନା

**ବାଲେଶ୍ୱର (ମାନସ ବିଶ୍ୱାଳ)/ରେମୁଣା(ରବୀନ୍ଦ୍ର ମହାକୁଡ),୮।୩:** ବାଲେଶ୍ୱର ଜିଲା ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଶୁକ୍ରବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ବାଲେଶ୍ୱର ସହର ଉପକଣ୍ଠ ସରସ୍ୱତୀପୁରସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି।

ସୁଦର୍ଶନ କହିଛନ୍ତି, ତାଙ୍କୁ ଦଳରେ ଅଣଦେଖା କରାଯାଇଥିଲା। କେତେଜଣ କୁଚକ୍ରି ଗୋଷ୍ଠୀଙ୍କ କଥାରେ ପରିଚାଳିତ ହୋଇ ଦଳର ଶୀର୍ଷ ନେତୃତ୍ୱ ତାଙ୍କୁ ଆଗଭଳି ଆଉ ଗୁରୁତ୍ୱ ଦେଇ ନ ଥିଲେ। କ୍ଷମତା ନିଶାରେ ଭାଜପା ଭଳି ଏକ ସାମ୍ପ୍ରଦାୟିକତାରେ ବିଶ୍ୱାସ କରୁଥିବା ଦଳ ସହ ବିଜେଡି ପୁଣିଥରେ ମେଣ୍ଟ କରିବାକୁ ଅଣ୍ଟା ଭିଡ଼ିବା ତାଙ୍କୁ ବ୍ୟଥିତ କରିଛି। ଏସବୁ କାରଣ ପାଇଁ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ରେମୁଣାବାସୀଙ୍କ ସେବା ପାଇଁ ଖୁବଶୀଘ୍ର ଧର୍ମନିରପେକ୍ଷତାରେ ବିଶ୍ୱାସ ରଖିଥିବା ଏକ ଜାତୀୟ ଦଳରେ ସେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୦୯ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।


# Classified Everyday
0674-2580101, 2549949


REAL ESTATE

## SALE

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

**Mega residential plotting project Balakati, Uttara, Price 2099/sqft. 8270370007.** D-2712

Gharabari plot sale Bhubaneswar- Sundarpada Xavier University with boundarywall. 6372670155. D-75922

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75919

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706


CONSTRUCTION

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## GENERAL
## SALE

ଗାଈ ଖାଇବା ଘାସ ପାଇଁ ଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675




**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

**Bodymassagebyexperience good looking therapist @ 999/- (Bhubaneswar). 9078484455.** D-2688

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## LOST

ମୁଁ ବିଭିଷଣ ସରାଫ, ପିତା- ହରିହର ସରାଫ, ବୟସ-୫୦, ଗ୍ରାମ- ବିରିପାଲି, ଥାନା- ବଙ୍ଗୋମୁଣ୍ଡା, ଜିଲ୍ଲା- ବଲାଙ୍ଗୀର (ଓଡ଼ିଶା)। ଘୋଷଣା କରୁଅଛି ଯେ, ମୋର ଖତିୟାନ ନମ୍ବର- ୧୪୭/୨୦୦, ପ୍ଲଟ୍ ନମ୍ବର- ୨୪୨/୧୦୦୫, ମୌଜା- ବିରିପାଲି ଅଧୀନରେ ଥିବା 0.12Dec. କ୍ଷେତ୍ର ଜମିର ବିକ୍ରୟ କାରବାର ନମ୍ବର- ୩୬୬/୨୦୦୮ ବିରିପାଲିରୁ ବଙ୍ଗୋମୁଣ୍ଡା ଯାତ୍ରା ସମୟରେ ହରାଇଛି। ମୁଁ ବଙ୍ଗୋମୁଣ୍ଡା ଥାନାରେ G.D. No.-15 date 30.06.2022 ଦାଖଲ କରିସାରିଛି। ମୁଁ SBI ଖଡ଼ିଆଳ Azad Chowk main Branchରେ ଏକ ଗୃହ ଋଣ ଆବେଦନ କରିଛି, ଯେଉଁଠାରେ ଖତିୟାନ ନମ୍ବର- ୧୪୭/୨୦୦, ପ୍ଲଟ୍ ନମ୍ବର- ୨୪୨/୧୦୦୫, ମୌଜା- ବିରିପାଲି ଅଧୀନରେ ଥିବା 0.12Dec. କ୍ଷେତ୍ର ଜମିର ବିକ୍ରୟ କାରବାର ନମ୍ବର- ୩୬୬/୨୦୦୮ Certified Copy ଉପରେ ବନ୍ଧକ ସୃଷ୍ଟି ହେବା ପାଇଁ ଆବଶ୍ୟକ। ଧ-୨୭୧୦

ଢେଙ୍କାନାଳ ସହର ମଧ୍ୟରେ ଅଟୋରେ ଯିବା ସମୟରେ ମୋର ଭ୍ୟାନିଟି ବ୍ୟାଗ୍‌ରେ ଥିବା ମନିପର୍ସ ଏବଂ ସେଥିରେ ଥିବା ATM, Voter ID, PAN Card, SBI Health Insurance ଏବଂ କିଛି ଜରୁରୀ document କେଉଁଠାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ନିକଟସ୍ଥ ଟାଉନ୍‌ଥାନା କିମ୍ବା Mob- 9861427539, ଜ୍ୟୋତିର୍ମୟୀ ନାଥ, ପ୍ରାକ୍ତନ ଉପଗୋଷ୍ଠୀ ଶିକ୍ଷା ଅଧିକାରୀ, ଗଁଦିଆ, ଢେଙ୍କାନାଳକୁ ଜଣାଇବାକୁ ଅନୁରୋଧ। ପାଇଥିବା ବ୍ୟକ୍ତିଙ୍କୁ ସର୍ବ ସମ୍ମୁଖରେ ପୁରସ୍କାର ଦିଆଯିବ। ଧ-୭୫୪୨୪

## AFFIDAVIT

I, Madhusmita Malik, D/o- Gobinda Mallik, resident of Village- Deulkur, P.O./ P.S.- Badachana, Dist.- Jajpur, Odisha declare by this affidavit No.- 1222, dtd. 07.03.2024 that now onwards I shall be known as MADHUSMITA MALLIK for all future purposes. D-2708

I, Bhimasen Malik, S/o- Kulamani Mallik, resident of Village- Deulkur, P.O./ P.S.- Badachana, Dist.- Jajpur, Odisha declare by this affidavit No.- 1221, dtd. 07.03.2024 that now onwards I shall be known as BHIMSEN MALLIK for all future purposes. D-2709

I, Ajaya Kumar Malik, S/o- Bhimsen Mallik resident of Village- Deulkur, P.O./ P.S.- Badachana, Dist.- Jajpur, Odisha declare by this affidavit No.- 1220 dtd. 07.03.2024 that now onwards I shall be known as AJAYA KUMAR MALLIK for all future purposes. D-2707

By virtue of an affidavit No.- 1916 dated 07.03.2024, sworn before Executive Magistrate, Bhadrak. My actual name is Chinmayee Sahoo(33), D/o- Ghanashyam Sahoo, Vill- Mirjapur, P.O.- Guagadia, P.S.- Basudevpur, Dist.- Bhadrak, PIN- 756124. But my name is mentioned Chinmayi Biswal, W/o- Chandrakanta Biswal, Vill- Nandor, P.O.- Gandibed, P.S.- Khaira, Dist.- Baleswar, PIN- 756048 in my Aadhaar Card bearing No.- XXXX XXXX 0796. Hence I declare that correction my name and address in my Aadhaar Chinmayi Biswal to Chinmayee Sahoo according my Educational Certificate and other documents. D-2711

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା ସାଇବାଣୀ ପାତ୍ର**
ଭାଲିଆଡ଼ିହି, ଗୋଡ଼ିପଡ଼ା, ନୟାଗଡ଼
ଆବିର୍ଭାବ- ୧୮।୦୮।୧୯୨୮
ତିରୋଧାନ- ୨୭।୦୨।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ଆକୁଳ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ, ଆତ୍ମୀୟସ୍ୱଜନ ।
ଧ-୨୭୧୩

### ୨ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱ ବୁଧିନାଥ ସାହୁ**
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୬।୦୫।୧୯୩୪
ତିରୋଧାନ: ୦୧।୦୩।୨୦୨୨
ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତି ପ୍ରଦାୟକ ହେଉ ଏହା ହିଁ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
କୁସୁମାଞ୍ଜଳି ସହ: ହତଭାଗିନୀ ସ୍ତ୍ରୀ- ଉଲ୍ଲାସ, ପୁତ୍ର: ରବୀନ୍ଦ୍ର, ବଧୂ: ଚଞ୍ଚଳା, ବନ୍ଧୁ ଓ ଶୋକସନ୍ତପ୍ତ ସାହୁ ପରିବାରବର୍ଗ ।
ଧ-୬୦୯୭୯




# ୨୩ଲକ୍ଷ ଟଙ୍କା, ଅଡି କାର୍ ଜବତକଲା ଇଡି

## ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ମାମଲା

ଭୁବନେଶ୍ୱର,୮ା୩
(ସତ୍ୟଜିତ୍ ରାଉତ)

ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଜାରି ରଖିଛି। ଇଡି ପକ୍ଷରୁ ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ାଉରେ ବହୁ କୋଟିର ସମ୍ପତ୍ତି ଠାବ ହୋଇଛି। ଭୁବନେଶ୍ୱରରେ ଏକ ଦୈନିକ ଓଡ଼ିଆ ଖବରକାଗଜ ମାଲିକଙ୍କ ଘର ଓ ଅଫିସ, ବିଲ୍ଡରଙ୍କ ଘର ସମେତ ପ୍ରାୟ ୪ ସ୍ଥାନ ଏବଂ ଗଞ୍ଜାମ ଜିଲାର ବ୍ରହ୍ମପୁର, ଛତ୍ରପୁର ଆଦି ସ୍ଥାନରେ ଥିବା ଅଭିଯୁକ୍ତମାନଙ୍କ ଘରେ ଏକକାଳୀନ ଚଢ଼ାଉ ହୋଇଥିଲା। ତେବେ ଯାଞ୍ଚବେଳେ ସେମାନଙ୍କ ନିକଟରୁ ମୋଟ ୨୩ ଲକ୍ଷ ନଗଦ ଟଙ୍କା, ୩୫ ଲକ୍ଷ ଟଙ୍କାର ଅଡି କ୍ୟୁ୩ କାର୍, ୨୪.୧୫ ଲକ୍ଷ ଟଙ୍କାର ଅଳଙ୍କାର, ବହୁ କାଗଜପତ୍ର, ଡିଜିଟାଲ୍ ଡିଭାଇସ୍ ଜବତ ହୋଇଥିବା ଶୁକ୍ରବାର ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଓଡି୦୨ସିଏଚ୍୨୮୦୯ ନମ୍ବର ବିଶିଷ୍ଟ ଉକ୍ତ ଅଡି କାର୍‌ଟି ବ୍ରହ୍ମପୁରର ଜଣେ ଠିକାଦାରଙ୍କର ବୋଲି ଜଣାପଡିଛି। ସେହିଭଳି ଆଉ ଜଣେ ଠିକାଦାରଙ୍କ ନିକଟରୁ ପ୍ରାୟ ୧୫ ଲକ୍ଷ ଟଙ୍କା ସମେତ ସୁନା ଅଳଙ୍କାର ଜବତ ହୋଇଥିବା ସୂଚନା ମିଳିଛି।



ଜବତ କାର୍।

୨୦୦୯ରେ ଅର୍ଥତତ୍ତ୍ୱ କମ୍ପାନୀ ଓଡ଼ିଶାର ବିଭିନ୍ନ ଜିଲାରେ ଶାଖା ଖୋଲି ବହୁ ଲୋଭନୀୟ ସ୍କିମ ଜରିଆରେ ଲୋକଙ୍କଠାରୁ ପ୍ରାୟ ୫ଶହ କୋଟି ଟଙ୍କା ଠକେଇ କରିଥିଲା। ଏନେଇ ୨୦୧୩ରେ ପ୍ରଥମେ ଭୁବନେଶ୍ୱର ଖାରବେଳନଗର ଥାନାରେ ମାମଲା ହେବା ସହ ପୋଲିସ କମ୍ପାନୀର ମୁଖ୍ୟ ପ୍ରଦୀପ ସେଠୀଙ୍କୁ ଗିରଫ କରିଥିଲା। ୨୦୧୪ରେ ସୁପ୍ରିମକୋର୍ଟ ଉକ୍ତ ମାମଲାର ତଦନ୍ତଭାର ସିବିଆଇକୁ ଦେଇଥିଲେ। ସିବିଆଇ ଏହି ଘଟଣାରେ ତଦନ୍ତ କରି ପ୍ରଦୀପଙ୍କ ଲିଙ୍କ୍‌ରେ ଥିବା ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସିବିଆଇର ଚାର୍ଜଶିଟ୍ ଆଧାରରେ ଇଡି ତଦନ୍ତ କରୁଛି। ଏପରିକି ଇଡି ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ମଧ୍ୟ ଆଟାଚ୍ କରିସାରିଛି। ଅନ୍ୟପକ୍ଷରେ ୨୦୧୭ ଏପ୍ରିଲ ୬ରେ ଭୁବନେଶ୍ୱର ସିବିଆଇ କୋର୍ଟ ପ୍ରଦୀପଙ୍କୁ ୭ ବର୍ଷ ଓ ଅନ୍ୟତମ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକଙ୍କୁ ୪ ବର୍ଷ ଜେଲଦଣ୍ଡ ଦେଇଥିଲେ।

# ୨୫୫.୪୬ ଲକ୍ଷର ବଜେଟକୁ ସୁଡାର ଅନୁମୋଦନ

ଭୁବନେଶ୍ୱର, ୮ା୩(ଅସମାପିକା ସାହୁ)

ରାଜ୍ୟ ନଗର ଉନ୍ନୟନ ସଂସ୍ଥା(ସୁଡା)ର ୨୩ତମ ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୫୫.୪୬ ଲକ୍ଷ ଟଙ୍କାର ବଜେଟକୁ ଅନୁମୋଦନ ମିଳିବା ସହ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସୁଡା ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁକ୍ତା ଯୋଜନା ଅଧୀନରେ ପ୍ରକଳ୍ପ କାର୍ଯ୍ୟକାରିତାରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି)ଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥନନ, ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ସ୍ୱତନ୍ତ୍ର ସଚିବ ଶୁଭେନ୍ଦୁ କାନୁନ୍‌ଗୋ, ଓଏସଡି-ସ୍ୱତନ୍ତ୍ର ସଚିବ ସଞ୍ଜୟ ପରମାଣିକ, ଅତିରିକ୍ତ ସଚିବ ତଥା ସୁଡା ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାଉରକେଲାରୁ ୧୦ କେଜି ଅଫିମ ଜବତ


ଜବତ ଅଫିମ ଓ ଗିରଫ ୨ ଅଭିଯୁକ୍ତ।

- ୨ ଆନ୍ତଃ ରାଜ୍ୟ ବେପାରୀ ଗିରଫ
- ଓଡ଼ିଶାରେ ଏକ ସମୟରେ ସର୍ବାଧିକ ଜବତ

ଭୁବନେଶ୍ୱର,୮ା୩
(ସୂର୍ଯ୍ୟକାନ୍ତ ବେହେରା)

ରାଜସ୍ଥାନରୁ ଅଫିମ ଆଣି ବେଆଇନ ଭାବେ ଓଡ଼ିଶା ଓ ଝାଡ଼ଖଣ୍ଡରେ ବିକ୍ରି କରୁଥିବା ଦୁଇ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରାଉରକେଲା ପୋଲିସ ସହାୟତାରେ ପାନପୋଷରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ୨ ଭାଇ ହୋଇଥିବା ବେଳେ ସେମାନେ ହେଲେ ଝାଡ଼ଖଣ୍ଡ ଖୁଣ୍ଟି ଜିଲା ଅନ୍ତର୍ଗତ ସିଗିଡି ଗ୍ରାମର ବିଟୁ ସିଂହ ମୁଣ୍ଡା (୪୬) ଓ ରୋହିତ ମୁଣ୍ଡା (୪୯)। ଉଭୟଙ୍କଠାରୁ ୧୦ କେଜି ୫୦୮ ଗ୍ରାମ ଅଫିମ ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। ଏନେଇ ଏସ୍‌ଟିଏଫ ଏକ ମାମଲା (ନଂ,୧୪/୨୪) ରୁଜୁକରି ଦୁଇଭାଇଙ୍କୁ ରାଉରକେଲାସ୍ଥିତ ଆଡିଶନାଲ ଡିଷ୍ଟ୍ରିକ୍ଟ ଓ ସେସନ ଜଜ୍ କମ୍ ସ୍ପେଶାଲ ଜଜ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଓଡ଼ିଶାରୁ ଏକାଥରକେ ଏତେ ପରିମାଣରେ ଅଫିମ ପୂର୍ବରୁ କେବେ ଜବତ ହୋଇନାହିଁ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଔଷଧ ପ୍ରସ୍ତୁତ କରିବା ପାଇଁ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ଅଫିମକୁ ଆଇନତଃ ଚାଷ କରାଯାଉଛି। ଏସବୁ ରାଜ୍ୟରୁ ଅଭିଯୁକ୍ତଦ୍ୱୟ ସହଯୋଗୀଙ୍କ ଜରିଆରେ ବେଆଇନ ଭାବେ ଅଫିମ ଚୋରା ଚାଲାଣ କରୁଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି।

# ଜାଗରରେ ବୃଦ୍ଧଙ୍କ ଉପରେ ମାଡ଼ିଗଲା ଟ୍ରକ୍

## ପଳାଶୁଣୀ ଛକରେ ରାସ୍ତାରୋକୋ

ଭୁବନେଶ୍ୱର,୮ା୩ (ସୂର୍ଯ୍ୟକାନ୍ତ ବେହେରା)

ଜାଗର ଯାତ୍ରା ଦେଖିବାକୁ ରାସ୍ତା ପାର ହେଉଥିବା ବେଳେ ଟ୍ରକ୍ ମାଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ଛକରେ ଶୁକ୍ରବାର ସନ୍ଧ୍ୟାରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ପଳାଶୁଣୀର ଯୁଧିଷ୍ଠିର ସାହୁ (୭୦)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କିଛି ସମୟ ରାସ୍ତାରୋକୋ କରିବାରୁ ଟ୍ରାଫିକ ଜାମ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ଲୋକଙ୍କୁ ବୁଝାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରି ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପଳାଶୁଣୀରେ ରାସ୍ତା ପାର ହେବା ବେଳେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଜୀବନ ଗଲାଣି। ବିଶେଷକରି ଛାତ୍ରୀଛାତ୍ରମାନେ ରାସ୍ତାପାର ହୋଇ ସ୍କୁଲ, କଲେଜ ଯିବାଆସିବା କରୁଥିବାରୁ ସେଠାରେ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରୁଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ଗୋଟିଏ ପରେ ଗୋଟିଏ ଜୀବନ ଅକାଳରେ ଚାଲିଯାଉଛି। ଆସନ୍ତା ୩ ଦିନ ଭିତରେ ରାସ୍ତାରୋକୋ ସହ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସାମାଜିକକର୍ମୀ ନାରାୟଣ ପୃଷ୍ଟି ଚେତାବନୀ ଦେଇଛନ୍ତି।

# ବଡ଼ଭାଇ ଆଗରେ ସାନକୁ ଝାମ୍ପିନେଲା କୁମ୍ଭୀର

## ପରିବା ଫସଲ ପାଇଁ ନାଳରୁ ଆଣୁଥିଲେ ପାଣି

ରାଜନଗର, ୮ା୩(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗରରେ କୁମ୍ଭୀର ଆକ୍ରମଣ ଆତଙ୍କ ସୃଷ୍ଟି କରିଛି। ଶୁକ୍ରବାର ଖରାଦିନିଆ ପରିବା ଫସଲରେ ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଏକ ନାଳରୁ ପାଣି ଆଣି ୨ ଭାଇ ଦେଉଥିଲେ। ସାନ ଭାଇ ନାଳରୁ ପାଣି ଆଣିବାକୁ ଗରା ବୁଡ଼ାଇବା କ୍ଷଣି କୁମ୍ଭୀର ହଠାତ୍ ଝାମ୍ପମାରି ଟାଣି ନେଇଥିଲା। ସାନଭାଇ କୁମ୍ଭୀର ନେଇଗଲା ବୋଲି ଚିତ୍କାର କରିବାରୁ ବଡ଼ଭାଇ ନାଳ ନିକଟକୁ ଯାଇଥିଲେ। ଏଥି ମଧ୍ୟରେ କୁମ୍ଭୀର ନାଳ ମଝିକୁ ତାଙ୍କୁ ଟାଣିନେଇ ସାରିଥିଲା। ବହୁ ଖୋଜାଖୋଜି ପରେ ମୃତଦେହ ଅପରାହ୍ନ ୨ଟାରେ ମିଳିଛି। ରାଜନଗର ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଥାନାରେ ଅପମୃତ୍ୟୁ ମାମଲା(୪/୨୪) ରୁଜୁ ହୋଇଛି।

ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଦକ୍ଷିଣଭେଡ଼ା ଗାଁର ନିମାଇଁ ମଲିକ (୪୦) ଓ ତାଙ୍କ ବଡ଼ଭାଇ ନିର୍ମଳ (୪୫) ଘରଠାରୁ ୨୦୦ ମିଟର ଦୂରରେ ଖରାଦିନିଆ ବିଭିନ୍ନ ପ୍ରକାର ପରିବା ବ୍ରାହ୍ମଣୀ ନଦୀ ଓ ନଦୀରୁ ବାହାରିଥିବା ନାଳ ମଝିରେ ଥିବା ଜମିରେ କରିଛନ୍ତି। ୨ ଭାଇ ମିଶି ପରିବାରେ ପାଣି ଦେଉଥିଲେ। ନିମାଇଁ ପାଣି ଆଣିବାକୁ ନାଳ ଭିତରେ ଗରା ବୁଡାଇବା ମାତ୍ରେ ଛକି ରହିଥିବା କୁମ୍ଭୀର ତାଙ୍କ ଉପରକୁ ଝାମ୍ପ ମାରିଥିଲା। କୁମ୍ଭୀର ଝାମ୍ପ ମାରିବା ପରେ ଭାଇ କୁମ୍ଭୀର ନେଇଗଲା ବୋଲି ୨ ଥର ଡାକ ଛାଡ଼ିଥିଲେ। ପାଣି ଦେଉଥିବା ବଡ଼ ଭାଇ ନିର୍ମଳ ଓ ସମ୍ପର୍କୀୟ ଭାଉଜ ପୁଷ୍ପ ସେଠାରେ ପହଞ୍ଚିବା ବେଳକୁ କୁମ୍ଭୀର ନିମାଇଁଙ୍କୁ ନାଳ ମଝିକୁ ନେଇ ସାରିଥିଲା। କୁମ୍ଭୀର ଉପରକୁ ନିର୍ମଳ ଟେକା ଫୋପାଡ଼ିବା ସହ ଡିଙ୍ଗି ଯୋଗେ ନିମାଇଁଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ଗାଁ ଲୋକେ ଡିଙ୍ଗି ସାହାଯ୍ୟରେ ଖୋଜି ଥିଲେ। ଖବରପାଇ ଏସିଏଫ୍ ଗଗନ ବିହାରୀ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ଅପରାହ୍ନ ୨ଟାରେ ନିମାଇଁଙ୍କ ମୃତଦେହ ନାଳ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ନିମାଇଁଙ୍କ ୨ ହାତରେ କୁମ୍ଭୀର କାମୁଡ଼ି ଥିବା କ୍ଷତ ଚିହ୍ନ ରହିଛି।

# ମହାନଦୀରୁ ମିଳିଲା ଶହେରୁ ଊର୍ଦ୍ଧ୍ୱ ନାଗମୂର୍ତ୍ତି


ମହାନଦୀରୁ ମିଳିଥିବା ମୂର୍ତ୍ତିଗୁଡ଼ିକୁ ମତ୍ସ୍ୟଜୀବୀମାନେ ଦେଖାଉଛନ୍ତି।

ବାଙ୍କୀ, ୮ା୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ପୋଲ ନିକଟସ୍ଥ ମହାନଦୀରୁ ଶୁକ୍ରବାର ମହାଶିବରାତ୍ରିରେ ୧୦୦ରୁ ଊର୍ଦ୍ଧ୍ୱ ପିତ୍ତଳ ନାଗ ମୂର୍ତ୍ତି, ୧ ନାଗମୂର୍ତ୍ତି ଥିବା ଶିବଲିଙ୍ଗ ଏବଂ ୨ଟି ସିମେଣ୍ଟରେ ନିର୍ମିତ ବୃଷଭ ମୂର୍ତ୍ତି ମିଳିଛି। ସକାଳୁ ମତ୍ସ୍ୟଜୀବୀମାନେ ମହାନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ସେମାନଙ୍କ ଜାଲରେ ପ୍ରଥମେ କିଛି ନାଗମୂର୍ତ୍ତି ପଡ଼ିଥିଲା। ଅଧିକ ଖୋଜାଖୋଜି ପରେ ବାକି ସବୁ ମୂର୍ତ୍ତି ମିଳିଛି। ସୁବର୍ଣ୍ଣପୁର ଗ୍ରାମର ଯୁବକମାନେ ଏ ସମ୍ପର୍କରେ ପୋଲିସକୁ ଅବଗତ କରାଇଥିଲେ। ଏହାପରେ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ମହାନ୍ତି ସମସ୍ତ ନାଗମୂର୍ତ୍ତି, ଓ ବୃଷଭ ଉଦ୍ଧାର କରି ନିକଟସ୍ଥ ଶିବ ମନ୍ଦିରରେ ରଖିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ବିଓବିର ଦିନିକିଆ କର୍ମଶାଳା



ଭୁବନେଶ୍ୱର,୮ା୩

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସହଯୋଗରେ 'ନାରୀର ଆତ୍ମଶକ୍ତିରୁ ସମାଜକୁ ଶକ୍ତି ମିଳିଥାଏ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଭାଷା ସଂଗୋଷ୍ଠୀ ଏବଂ ନାରୀ ଶକ୍ତି ସମ୍ମାନ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଥିଲା। ବିଓବି କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ବିଓବି ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେହିଭଳି ବିଶ୍ୱ ହିନ୍ଦୀ ଦିବସ-୨୦୨୪ ଉଦ୍‌ଯାପନୀ ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଆୟୋଜିତ ହିନ୍ଦୀ ବ୍ୟାଖ୍ୟାନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଅଞ୍ଜୁମନ ଆରାଙ୍କୁ ସମ୍ମାନିତ କରାଯାଇଥିଲା। ଅଞ୍ଜୁମନ ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ବିଓବିର ପଦକ୍ଷେପକୁ ପ୍ରଶଂସା କରିବା ସହ ସଂଗୋଷ୍ଠୀ ସମ୍ପର୍କରେ କହିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଅଭିଷେକ ଶର୍ମା କାର୍ଯ୍ୟକ୍ରମ ପରିଚାଳନା ଓ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ମନୀଷା ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସତ୍ୟର ଦୀପ' ଜାଳି ଆନ୍ଦୋଳନ କଲେ ଶିକ୍ଷକ



ଭୁବନେଶ୍ୱର, ୮ା୩(ଅସମାପିକା ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଆହ୍ୱାନରେ ଗାନ୍ଧିମାର୍ଗରେ ଚାଲିଥିବା ଜିଲାୱାରି ଅହୋରାତ୍ର ଗଣଧାରଣା ଶୁକ୍ରବାର ୩୧ ଦିନରେ ପହଞ୍ଚିଛି। ତେବେ ଶୁକ୍ରବାର ଏକ ଭିନ୍ନ ଢଙ୍ଗରେ ଆନ୍ଦୋଳନ କରିଛନ୍ତି। ମହାଶିବରାତ୍ରି ଅବସରରେ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ନିଜ ସମସ୍ୟାର ସମାଧାନ ନିମନ୍ତେ ରାଜରାସ୍ତାରେ ସାରାଦିନ ଅନଶନ କରିବା ସହିତ ପବିତ୍ର ଜାଗରରେ 'ସତ୍ୟର ଦୀପ' ଜାଳିଛନ୍ତି। ଦୀର୍ଘଦିନ ଧରି ବିନା ଦରମାରେ ଖଟି ଖଟି ଭବିଷ୍ୟତଟା ଯେତେବେଳେ ଅନ୍ଧକାରାଚ୍ଛନ୍ନ ହେବାକୁ ଯାଉଛି 'ସତ୍ୟର ଦୀପ' ଜାଳି ସରକାରଙ୍କ ମନ ଓ ମସ୍ତିଷ୍କରେ ନ୍ୟାୟ ଏବଂ ସମ୍ବେଦନଶୀଳତାର ଆଲୋକ ପ୍ରଜ୍ୱଳିତ କରିବାକୁ ପ୍ରୟାସ କରାଯାଇଥିବା ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ଜିଲାୱାରି ପାଳିରେ ଶୁକ୍ରବାର ପୁରୀ, ନୂଆପଡ଼ା, ଗଞ୍ଜାମ, ନୟାଗଡ଼, କନ୍ଧମାଳ, ସୁନ୍ଦରଗଡ଼ ଜିଲାଗୁଡ଼ିକ ଅଂଶଗ୍ରହଣ କରିଥିଲେ। ରାଜଲକ୍ଷ୍ମୀ ବେହେରା, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ବିଜୟ କୁମାର ଛତ୍ର, ମଧୁସୂଦନ ଦେ ପ୍ରମୁଖ ଧାରଣାରେ ଉପସ୍ଥିତ ରହି ଶିକ୍ଷକ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ନନ୍ଦନକାନନରେ ୩ ଜନ୍ତୁ ମୃତ

ବାରଙ୍ଗ,୮ା୩ (ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ଶୁକ୍ରବାର ୩ଟି ଜନ୍ତୁଙ୍କ ମୃତ୍ୟୁ ଘଟିଛି। ଖାଦ୍ୟ ଅଭାବରୁ ୬୫ ଏନକ୍ଲୋଜରରେ ରହୁଥିବା ଦୁଇଟି ଅଣ୍ଡିରା ନୀଳଗାଈ ମଧ୍ୟରେ ଲଢ଼େଇ ହୋଇଥିଲା। ଏଥିରେ ଗୋଟିଏ ନୀଳଗାଈ ଆହତ ହୋଇଥିଲା। ଏହାର ଚିକିତ୍ସା କରାଯାଇଥିଲେ ମଧ୍ୟ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଥିଲା। ସେହିପରି ୬୯ ନମ୍ବର ଏନକ୍ଲୋଜରରେ ଗତ ସୋମବାର ଏକ ନୀଳଗାଈ ଛୁଆ ଜନ୍ମ ଦେଇଥିଲା। ହେଲେ ପରବର୍ତ୍ତୀ ସମୟରେ ମା' ଛୁଆକୁ ଗ୍ରହଣ କରି ନ ଥିଲା। ଫଳରେ ଜନ୍ତୁ ବିଭାଗ ଛୁଆଟିକୁ ପ୍ରାଣୀ ଉଦ୍ୟାନର ଲାଳନପାଳନ କେନ୍ଦ୍ରରେ ଛାଡିବା ସହ ଡାକ୍ତରଙ୍କ ନଜରରେ ରହିଥିଲା। ଜନ୍ମ ହେବାର ସପ୍ତାହେ ନ ପୂରୁଣୁ ଶୁକ୍ରବାର ଏହି ଛୁଆଟିର ମୃତ୍ୟୁ ହୋଇଥିଲା। ସେହିପରି ୬୬ ନମ୍ବର ଏନକ୍ଲୋଜରରେ ରହୁଥିବା ଏକ କୁଜିହରିଣର ମଧ୍ୟ ଶୁକ୍ରବାର ମୃତ୍ୟୁ ହୋଇଛି। ତେବେ ଦିନକରେ ୩ଟି ଜନ୍ତୁଙ୍କ ମୃତ୍ୟୁ ଘଟିବା ଯାହାକୁ ନେଇ ଜନ୍ତୁ ବିଭାଗ ଅଧିକାରୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଓଏଚ୍‌ପିସି ପକ୍ଷରୁ ମହିଳା ଦିବସ

ଭୁବନେଶ୍ୱର,୮ା୩
(ଅନୁରାଧା ମହାରଣା)

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଚିଦାତ୍ମିକା ଖଟୁଆ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ପ୍ରତି ମହିଳାଙ୍କ ନିକଟରେ କସ୍ତୁରୀ ମହକ ପରି ଲୁକ୍କାୟିତ ପ୍ରତିଭା ରହିଛି। ସେମାନେ ନିଜର ଗୁରୁତ୍ୱ ବୁଝିବା ଦରକାର। ଓଏଚ୍‌ପିସିର ମାନବ ସମ୍ବଳ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ଜେନା ପ୍ରାରମ୍ଭିକ ଅଭିଭାଷଣରେ କହିଥିଲେ, ମହିଳାମାନେ ଜନ୍ମରୁ ସଶକ୍ତ ଓ ସୁଦକ୍ଷ। ତେଣୁ ସେମାନଙ୍କୁ ସଶକ୍ତ କରିବାର ଆବଶ୍ୟକତା ନାହିଁ। ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ମହିଳାଙ୍କ ଉଦାହରଣ ଦେଇ ସେ ମହିଳାଙ୍କ ମନୋବଳ ବଢ଼ାଇଥିଲେ। ଶେଷରେ ସ୍ମୃତିସୁଧା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବ୍ରେନ୍‌ଷ୍ଟେନ ନିର୍ଦ୍ଦେଶକ ଡ. ଅଶୋକ କୁମାର ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ପରବର୍ତ୍ତୀ ସମ୍ପାଦନାରେ ଲକ୍ଷ୍ମୀପ୍ରିୟା ସେନାପତି ମହିଳାଙ୍କ ପୋଷଣ ତଥା ଚକ୍ଷୁ ଯତ୍ନ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ମହିଳା କର୍ମଚାରୀ ଉପସ୍ଥିତ ଥିଲେ।

# ଏନ୍‌ଆଇଟିରୁ ସମ୍ବଲପୁରକୁ ଗଡ଼ିଲା ଲକ୍ଷ୍ମୀ ବସ୍

ରାଉରକେଲା/ସମ୍ବଲପୁର,୮ା୩
(ସଙ୍ଗୀତା ଜେନା/ ପ୍ରମୋଦ ବହିଦାର)


ଅତିଥିମାନେ ପତାକା ଦେଖାଇ ଲକ୍ଷ୍ମୀ ବସ୍‌କୁ ଉଦ୍‌ଘାଟନ କରୁଛନ୍ତି।

ଆନ୍ତର୍ଜାତୀୟ ମହିଳା ଦିବସରେ ରାଉରକେଲାରୁ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଛି। ଶୁକ୍ରବାର ଏନ୍‌ଆଇଟି ପରିସରରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଏବଂ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଉକ୍ତ ବସ୍‌କୁ ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ବଲପୁର ଆଇଆଇଏମ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ସଦର ଉପଜିଲାପାଳ ପୁଷ୍ପାଞ୍ଜଳି ପଣ୍ଡା, ମଣ୍ଡଳ ପରିବହନ ଅଧିକାରୀ ରାମଦାସ ଟୁଡୁ ମିଳିତ ଭାବେ ସବୁଜ ପତାକା ଦେଖାଇ ଏହି ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ରାଉରକେଲା ଏନ୍‌ଆଇଟି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ନାୟକ କହିଥିଲେ, ଲକ୍ଷ୍ମୀ ବସ ଚଳାଚଳ ଦ୍ୱାରା ଉଭୟ ଏନ୍‌ଆଇଟି ଓ ଆଇଆଇଏମ୍‌କୁ ସହ ରାଉରକେଲା ଓ ଝାରସୁଗୁଡ଼ା ଏୟାରପୋର୍ଟକୁ ସଂଯୋଗ କରାଯାଇପାରିବ। ଶିହାତି ମୂଲ୍ୟରେ ଜିଲାବାସୀ ଏହାର ସୁବିଧା ନେଇପାରିବେ। ଲକ୍ଷ୍ମୀ ବସ୍ ଚଳାଚଳ ଯୋଗୁ ଯିବାଆସିବା ସୁଗମ ହେବ ବୋଲି ମନ୍ତ୍ରୀ ନାୟକ କହିଥିଲେ। ସେହିପରି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅନ୍ୟତମ ଅତିଥି ଏନ୍‌ଆଇଟି ନିର୍ଦ୍ଦେଶକ ରାଓ ମତ ଦେଇଥିଲେ। ଆଇନଜୀବୀ ଗିରିଶ ମହାପାତ୍ର, ସୁଦାମ ଦାସ, ଆରତୀ ଚୌଧୁରୀ, ଇଂ. ଅଭୟ ଦାସ, ଇଂ. ଯତୀନ ନାୟକ, ରାଉରକେଲା ଚାମ୍ବର ଅଫ୍ କମର୍ସର ପ୍ରାକ୍ତନ ସଭାପତି ସୁବ୍ରତ ପଟ୍ଟନାୟକ, ବିଜେଡ଼ି ନଗର ସଭାପତି ଗଗନ ପଣ୍ଡା, ମୁଖପାତ୍ର ଜୟନ୍ତ ମିଶ୍ର, ସଞ୍ଜୀବ ମହାନ୍ତି, ମଧୁ ମହାପାତ୍ର, ପ୍ରଭାତ ମହାନ୍ତି, ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍, ସୁରକ୍ଷା ଅଧିକାରୀ ପ୍ରଫେସର ଅନୀଲ ସିଂହ, ଡିନ୍ ଆଲୁମିନି ପ୍ରଫେସର ଏଚ୍. ବି. ସାହୁ, ସାକ୍ ସଭାପତି ପ୍ରଫେସର ରାଜୀବ ପଣ୍ଡା, ଲୋକସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତାଙ୍କ ସମେତ ଶତାଧିକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ଏହି ବସରେ ପ୍ରତୀକାତ୍ମକ ଭାବେ ସେକ୍ଟର-୨ ବସ ଷ୍ଟପ୍ ପର୍ଯ୍ୟନ୍ତ ମହିଳା ଯାତ୍ରୀମାନଙ୍କୁ ନିଆଯାଇଥିଲା।

# ଜୀବନ ବଞ୍ଚାଇଲେ ବାରିପଦା ଝିଅ

## ହୁଟି ଆକ୍ରମଣରେ ଆହତଙ୍କୁ ଚିକିତ୍ସା

ବାରିପଦା, ୮ା୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନୌସେନାରେ କାର୍ଯ୍ୟରତ ବାରିପଦାର ଝିଅ ସର୍ଜନ କମାଣ୍ଡର ଅନନ୍ୟା ଦଳବେହେରା ଜିଲା ପାଇଁ ଗର୍ବ ଆଣିଛନ୍ତି। ଏକାକୀ ଦିନରାତି ଚିକିତ୍ସା କରି ନୌ କର୍ମଚାରୀଙ୍କ ଜୀବନ ବଞ୍ଚାଇ ପାରିଛନ୍ତି। ଏନେଇ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

ଅନନ୍ୟାଙ୍କ ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ସମ୍ପ୍ରତି ଇସ୍ରାଏଲର ଗାଜା ଆକ୍ରମଣ ହେତୁ ଲୋହିତ ସାଗରରେ ଭୟଙ୍କର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଲୋହିତ ସାଗର ପଥ ଦେଇ ବିଶ୍ୱର ଅଧିକାଂଶ ଦେଶର ତୈଳବାହୀ ଜାହାଜ ସମେତ ଅନ୍ୟାନ୍ୟ ପଣ୍ୟବାହୀ ଜାହାଜ ଯାତାୟାତ କରିଥାଏ। ଏହି ପଥଦେଇ ଭାରତର ପଣ୍ୟବାହୀ ଜାହାଜ ସବୁ ମଧ୍ୟ ଯାତାୟାତ କରିଥାଏ। ଏହି ଜାହାଜ ସବୁକୁ ସୁରକ୍ଷା ଦେବାପାଇଁ ଭାରତୀୟ ନୌବାହିନୀ ସେ ଅଞ୍ଚଳରେ ଅନେକ ଦିନରୁ ପଇଁତରା ମାରୁଛି। ଗତ ୬ ତାରିଖରେ ସଶସ୍ତ୍ର ହୁଟି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ତାଇୱାନର ଏକ ପଣ୍ୟବାହୀ ଜାହାଜ 'ଟ୍ରୁ କନ୍ଫିଡେନସ'ରେ ୨୧ ଜଣ ନୌ କର୍ମଚାରୀ ଥିଲେ। ସେଥିରେ ଜଣେ ଭାରତୀୟ ମଧ୍ୟ ଥିଲେ। କ୍ଷେପଣାସ୍ତ୍ର ମାଡ଼ରେ ଜଣେ ନାବିକଙ୍କ ମୃତ୍ୟୁ ହେବା ସହ ଅନ୍ୟମାନେ ଗୁରତର ଆହତ ହୋଇଥିଲେ। ସେମାନଙ୍କୁ ଭାରତୀୟ ନୌସେନାର ଏକ ଯୁଦ୍ଧତରୀ ଉଦ୍ଧାର କରିଥିଲା। ସେହି ଜାହାଜର ଏକମାତ୍ର ଡାକ୍ତର ଭାବରେ ନିଯୁକ୍ତ ଥିଲେ ବାରିପଦାର ଝିଅ ସର୍ଜନ କମାଣ୍ଡର ଅନନ୍ୟା ଦଳବେହେରା। ଜଣେ ମାତ୍ର ଡାକ୍ତରୀ ସହାୟକଙ୍କ ସହଯୋଗରେ ଅନନ୍ୟା ରାତି ତମାମ ଚିକିତ୍ସା କରି ସମସ୍ତ ଆହତଙ୍କ ଜୀବନ ବଞ୍ଚାଇ ପାରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା ,ଯେଉଁମାନଙ୍କ ବଞ୍ଚିବା ଆଶା କମ୍ ଥିଲା। ସେମାନଙ୍କ ଜୀବନ ବଞ୍ଚାଇ ପାରିଥିବାରୁ ବିଭିନ୍ନ ମହଲରେ ଅନନ୍ୟାଙ୍କୁ ପ୍ରଶଂସା କରାଯାଉଛି। ଅଳ୍ପ ବୟସରେ ଏତେ ବଡ଼ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିବାରୁ ସେ ମଧ୍ୟ ଆତ୍ମତୃପ୍ତି ଲାଭ କରିଛନ୍ତି ବୋଲି ତାଙ୍କ ପିତା ବିଶିଷ୍ଟ ସାହିତ୍ୟିକ ମନୋଜ ଦଳବେହେରା କହିଛନ୍ତି। ଉଲ୍ଲେଖଯୋଗ୍ୟ, କ୍ଷତିଗ୍ରସ୍ତ ଜାହାଜର ଭାରତୀୟ ନାଗରିକ ଏବେ ସୁସ୍ଥ ଅଛନ୍ତି।


ମା' ବାପାଙ୍କ ସହ ଅନନ୍ୟା।

# ପ୍ରେମିକଙ୍କୁ ନେଇ ଶାଶୁଘର ଯିବି

## କନ୍ୟାଙ୍କ ଅଜବ ସର୍ତ୍ତ



ଆପଣ ନିଶ୍ଚିତ ଭାବରେ ଧ୍ୟାନ ଦେଇଥିବେ, ଯେତେବେଳେ ଏକ ବିବାହ ସ୍ଥିର ହୁଏ, ସେତେବେଳେ ବିଭିନ୍ନ ସର୍ତ୍ତ ରଖାଯାଇଥାଏ। ସମସ୍ତ ବିଷୟ ଉଭୟ ପରିବାର ଦ୍ୱାରା ସ୍ଥିର ହୋଇଥାଏ। ପ୍ରାୟତଃ ପୁଅଙ୍କ ପରିବାର ପକ୍ଷରୁ ଅଧିକ ସର୍ତ୍ତ ଉପସ୍ଥାପନ କରାଯାଇଥାଏ। ହେଲେ ଏଠାରେ ଏମିତି ଜଣେ କନ୍ୟାଙ୍କ ବିଷୟରେ କୁହାଯାଇଛି, ଯିଏ କି ବିବାହ ପୂର୍ବରୁ ତାଙ୍କ ବରଙ୍କୁ ସ୍ପଷ୍ଟ କରିଦେଇଥିଲେ ଯେ, ଯଦି ସେ ତାଙ୍କ ଶାଶୁଘରକୁ ଆସିବେ, ତେବେ ପୂର୍ବ ପ୍ରେମିକ ମଧ୍ୟ ତାଙ୍କ ସହିତ ଆସିବେ। ଆଶ୍ଚର୍ଯ୍ୟଜନକ କଥା ହେଉଛି ବର ମଧ୍ୟ ଏଥିରେ ରାଜି ହୋଇଥିଲେ। ଏହି ବିଷୟଟି ଅତ୍ୟନ୍ତ ସମ୍ବେଦନଶୀଳ। ସମ୍ପୂର୍ଣ୍ଣ ଖବରଟି ଶୁଣିବା ପରେ ଆପଣ ବର ଅପେକ୍ଷା କନ୍ୟାଙ୍କୁ ଅଧିକ ପ୍ରଶଂସା କରିବେ, ଯିଏ ତାଙ୍କ ପୂର୍ବ ପ୍ରେମିକଙ୍କ ହାତ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ଏହି କାହାଣୀ କ୍ରିସ ନାମକ ଜଣେ ଯୁବତୀଙ୍କ କ୍ଷେତ୍ରରେ ଘଟିଛି। ତାଙ୍କୁ ୩୮ ବର୍ଷ। ସେ ୩୬ ବର୍ଷୀୟ ଜେମ୍ସ ଆର୍ମଷ୍ଟ୍ରଙ୍ଗଙ୍କୁ ବିବାହ କରିବାକୁ ଯାଉଥିଲେ। ବିବାହ ପୂର୍ବରୁ କ୍ରିସ ଏପରି ଅଜବ ସର୍ତ୍ତ ରଖିଥିଲେ, ଯାହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କ୍ରିସ କହିଛନ୍ତି, ସେ ତାଙ୍କ ପିଲାଦିନର ବନ୍ଧୁ ତଥା ତାଙ୍କ ଏକ୍ସ ବୟଫ୍ରେଣ୍ଡ ସହିତ ରହିବାକୁ ଚାହୁଁଛନ୍ତି। କ୍ରିସଙ୍କ ଏହି କଥା ଶୁଣି ଜେମ୍ସଙ୍କର କୌଣସି ଅସୁବିଧା ନ ଥିଲା ଏବଂ ସେ ସ୍ତ୍ରୀଙ୍କ ସହ ତାଙ୍କର ଆଇନଗତ ଅଭିଭାବକ ମଧ୍ୟ ହୋଇଥିଲେ। ଏକ ସାକ୍ଷାତ୍‌କାରରେ ଜେମ୍ସ କହିଥିଲେ ଯେ, ତାଙ୍କ ସ୍ତ୍ରୀ ଏବଂ ପୂର୍ବ ପ୍ରେମିକଙ୍କୁ ମଧ୍ୟ ସେ ଖୁବ୍ ଭଲ ପାଆନ୍ତି। କ୍ରିସ ୨୦୦୬ରେ ତାଙ୍କର ପିଲାଦିନର ବନ୍ଧୁ ବ୍ରେଣ୍ଡନଙ୍କୁ ଭଲ ପାଉଥିଲେ। କିଛିଦିନ ପରେ କାର୍ ଦୁର୍ଘଟଣା ହେତୁ ତାଙ୍କର ମାନସିକ ଅବସ୍ଥା ବିଗିଡ଼ି ଯାଇଥିଲା। ପ୍ରଥମେ କ୍ରିସ ତାଙ୍କ ସହିତ ରହିଲେ, ତା'ପରେ ସେ ତାଙ୍କୁ ଛାଡ଼ି ଆଗକୁ ଯିବାକୁ ବଢ଼ିଲେ। ତଥାପି ସେ ବ୍ରେଣ୍ଡନଙ୍କଠାରୁ ଦୂରରେ ରହିପାରିଲେ ନାହିଁ ଏବଂ ତାଙ୍କର ଆଇନଗତ ଅଭିଭାବକ ହେବାକୁ ଆବେଦନ କଲେ। ଏହି ସମୟରେ ସେ ଜେମ୍ସଙ୍କୁ ଭେଟିଥିଲେ ଏବଂ ବିବାହ ସମୟରେ ଉପରୋକ୍ତ ସର୍ତ୍ତ ରଖିଥିଲେ। ସ୍ତ୍ରୀ ତାଙ୍କ ପୂର୍ବ ପ୍ରେମିକଙ୍କୁ ମଧ୍ୟ ଘରକୁ ଆଣିଥିଲେ। ଯିଏ ସୋସିଆଲ ମିଡିଆରେ ସେମାନଙ୍କ କାହାଣୀ ପଢ଼ନ୍ତି ଏହି ଦମ୍ପତିଙ୍କୁ ପ୍ରଶଂସା କରିବାକୁ ଆଦୌ ଭୁଲନ୍ତି ନାହିଁ।

# ଅଟୋ ଡ୍ରାଇଭର ହେବେ ହୁମା କୁରେଶୀ



**ମୁମ୍ବାଇ:** ଅଭିନେତ୍ରୀ ହୁମା କୁରେଶୀ ତାଙ୍କ ଆଗାମୀ ଚଳଚ୍ଚିତ୍ରରେ ଜଣେ ଅଟୋରିକ୍ସା ଡ୍ରାଇଭର ଭୂମିକାରେ ନଜରକୁ ଆସିବେ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଓ ଷ୍ଟୁଡିଓ ଏବଂ ଇଚେଲୋନ୍ ପ୍ରଡକ୍ସନ୍ସ ପକ୍ଷରୁ ଏହା ଘୋଷଣା କରାଯାଇଛି। ଚଳଚ୍ଚିତ୍ରର ନାମକରଣ କରାଯାଇ ନାହିଁ। ତେବେ ନାରୀ ଶକ୍ତିର ପ୍ରତୀକ ସାଜିଥିବା ଜଣେ ମହିଳାଙ୍କ ସତ୍ୟ କାହାଣୀ ଉପରେ ଚଳଚ୍ଚିତ୍ର ନିର୍ମିତ ହେବାକୁ ଯାଉଛି। ହୁମା ଏହି ଚଳଚ୍ଚିତ୍ରର ପୋଷ୍ଟର ଉନ୍ମୋଚନ କରିଛନ୍ତି। ବିଶାଲ ରାଣା ଚଳଚ୍ଚିତ୍ରର ନିର୍ମାତା ରହିଛନ୍ତି। ସମାଜରେ ନାରୀଶକ୍ତି ଉତ୍ଥାନର ନେତୃତ୍ୱ ନେଇଥିବା ଏବଂ ନିଜ ଭାଗ୍ୟକୁ ନିୟନ୍ତ୍ରଣ କରିବା ଲାଗି ଅନ୍ୟମାନଙ୍କୁ ପ୍ରେରଣା ଯୋଗାଉଥିବା ମହିଳା ଅଟୋ ଡ୍ରାଇଭରଙ୍କ କାହାଣୀକୁ ନେଇ ଚଳଚ୍ଚିତ୍ର ଆଗେଇଛି। ହୁମା ସୋସିଆଲ ମିଡିଆରେ ଶେୟାର କରିଥିବା ପ୍ରଥମ ପୋଷ୍ଟରରେ ସେ କ୍ୟାପ୍‌ଶନ ଲେଖିଛନ୍ତି, 'ହୁମା କୁରେଶୀ-ବିଶାଲ ରାଣା-ଜିଓ ଷ୍ଟୁଡିଓ ଆପଣମାନଙ୍କ ପାଇଁ ସେମାନଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର ଆଣୁଛନ୍ତି'। ଚଳଚ୍ଚିତ୍ରରେ ଚରିତ୍ରକୁ ଜୀବନ୍ତ କରିବାରେ କୁରେଶୀଙ୍କ ସାମର୍ଥ୍ୟ ଉପରେ ବିଶାଲ ଆସ୍ଥା ପ୍ରକଟ କରିଛନ୍ତି। ବିପୁଲ ମେହେଟ୍ଟା ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Lady Office Clerk Wanted
Free Accommodation
Free Fooding
Salary 15000
Near Phulanakhara
7809525452

See Career Appointment on every Wednesday & Saturday

Reputed Company in Hyderabad, Telangana Requires
**Senior CNC Machine Operators / Programmers**
with min.4-5 Yrs Exp.
Freshers as Trainees can also apply
info@dhruvaaerospace.com
Good Salary with Initial Accommodation
Ph: 98489 85418

**WANTED**
The following staff required for
**SANSKRIT EDUCATION**
Last date is 28.03.2024. Apply immediately to **TRUSTEE, Harakumar Chhaya Centre for Social Development, Tamalsasan, Chaudakulat, Kendrapara.** Sahityacharya (10 Nos.), Shastri (20 Nos.), +3 Arts Trained (10 Nos.), +2 Arts / Science (20 Nos.), Clerk (10 Nos.), D.E.O. (10 Nos.), Peon (10 Nos.) as per Govt. scale of pay with Bank Draft Rs.500/- in favour of TRUSTEE.
**Contact: 7381965998**

**URGENTLY REQUIRED**
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୧୮ ରୁ ୩୫, ଦରମା - ୮୦୦୦ ଏବଂ ରହିବା + ଖାଇବାର ସୁବିଧା ଅଛି। ଶିଘ୍ର ଯୋଗାଯୋଗ କରନ୍ତୁ।
**Contact : 8327754443**

**ODIA DTP OPERATOR REQUIRED**
SALARY 10K TO 15K MONTHLY
LOCATION:
GARAGE CHHAK,
SAMANTARAPUR, BHUBANESWAR
CALL- 9776662277
7377002455

**WE ARE HIRING !**
**M/s Birla Tyres Ltd**, Balasore Unit has been recently acquired by M/s. Dalmia Bharat Refractories Limited and M/s. Himadri Speciality Chemical Limited, vide order of National Company Law Tribunal, Kolkata Bench, (Court II), Kolkata.
M/s Birla Tyres Ltd, will be starting the operations soon and would like to invite the applications of all interested individuals in workmen/operator category who wish to contribute their services in the Company as per the below fitment criteria, in phase-I as initial requirement.

**FITMENT CRITERIA**

| | |
|---|---|
| Qualification | : Minimum 12th Pass / ITI Pass |
| Experience | : Minimum 10 years of experience in Maintenance & Equipment Handling related to Tyre Manufacturing in Orissa |
| Age | : Maximum 55 years |
| Location | : Birla Tyres Ltd, Bampada, Balasore, Odisha, 756056 |

**SKILL SET**
- Knowledge of Safety Procedures and Standards.
- Required Medical fitness to work in shopfloor.
- Work knowledge in the stream of Electrical, Electronics, Instrumentation, Mechanical, Utility Department.
- Hands on experience in Preventive, Corrective & Schedule Maintenance.

Interested candidates fulfilling the above criteria are requested to appear for the personal interview along with their Updated CV, Qualification Certificates, Proof of Services, Aadhaar Card, Pan Card on 13th & 14th March 2024 @ 10:00 am at NOCCi Business Park, Bampada, Balasore, Infront of CIPET College, Odisha-756056.
Candidates who are willing but not being able to attend the interview may send their resumes to: **career@birlatyre.com**

**STEEL AUTHORITY OF INDIA LIMITED**
**Rourkela Steel Plant**
**Rourkela - 769 011, Odisha, India**
Great Place To Work. Certified DEC 2023 - DEC 2024 INDIA
Advt. No. 02 /2024,
Dated : 01/03/2024

**WALK-IN-INTERVIEW FOR ENGAGEMENT AS DOCTORS ON CONTRACTUAL BASIS**

Rourkela Steel Plant invites personnel, fulfilling the eligibility criteria given below, to appear in the Walk-in-Interview on 19/03/2024 during 9.30 am to 11.00 am at Conference Hall, Ispat General Hospital, Sector-19, Rourkela-769005 (Odisha) for engagement as Specialist / GDMO for its Hospitals at Rourkela and at different Mines under Odisha Group of Mines (OGoM) on contractual basis.

(A) For engagement in IGH/OHSC/other units of M&HS Deptt. at Rourkela

| Discipline | Nos. to be Engaged | Upper Age limit as on 19/03/2024 | Qualification as on 19/03/2024 |
|---|---|---|---|
| Specialist (Orthopaedics) | 01 | 69 years | MBBS with MS/DNB or PG Diploma (02 years) in Orthopaedics from a university / institute recognized by MCI / NMC / NBE. |
| GDMO | 03 | 69 years | MBBS from a university / institute recognized by MCI/NMC/NBE. Must have completed internship. |

(B) For engagement in Hospitals of OGoM at BOLANI / TENSA (BARSUAN) / KALTA MINES

| Discipline | Nos. to be Engaged | Upper Age limit as on 19/03/2024 | Qualification as on 19/03/2024 |
|---|---|---|---|
| Specialist (Ophthalmology) | 01 | 69 years | MBBS with MS/DNB or PG Diploma (02 years) in Ophthalmology from a university / institute recognized by MCI/NMC/NBE. |
| Specialist (Medicine) | 01 | 69 years | MBBS with MD/DNB or PG Diploma (02 years) in Medicine from a university/ institute recognized by MCI/NMC/NBE. |
| Specialist (O&G) | 01 | 69 years | MBBS with MS/DNB or PG Diploma (02 years) in O&G from a university / institute recognized by MCI/NMC/NBE. |
| Specialist (Paediatrics) | 02 | 69 years | MBBS with MD/DNB or PG Diploma (02 years) in Paediatrics from a university/ institute recognized by MCI/NMC/NBE. |
| GDMO | 02 | 69 years | MBBS from a university / institute recognized by MCI/NMC/NBE. Must have completed internship. |

For full details of advertisement please visit Company's website at www.sail.co.in at the link "Careers". Any subsequent changes if made in this employment notice shall be communicated through SAIL website. Candidates are advised to keep themselves updated of the changes, if any.

Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
*There's a little bit of SAIL in everybody's life*


# ପ୍ରେସ୍ ବିଜ୍ଞପ୍ତି

## ଜନସାଧାରଣଙ୍କ ଅବଗତି ନିମନ୍ତେ

## KISSର ୧୦ ଏକର ଜଙ୍ଗଲ ଜମିର Forest Land Diversion

- କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ (KISS) ହେଉଛି ବିଶ୍ୱର ସର୍ବବୃହତ୍ତ ଜନଜାତି ଅନୁଷ୍ଠାନ।
- KISS ଏକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ। ଏହା ସମ୍ପୂର୍ଣ୍ଣ ଆବାସିକ ଓ ଦେୟମୁକ୍ତ।
- KISSରେ ୪୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନରତ ଓ ୪୦ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ କ୍ଷେତ୍ରରେ କର୍ମରତ।
- ଦୀର୍ଘ ୩୧ ବର୍ଷ ଧରି KISS ଜରିଆରେ ନିରନ୍ତର ଶିକ୍ଷାଦାନ କରି ଜନଜାତି ପିଲାଙ୍କୁ ଜାଗ୍ରତ କରିବା ସହ ସମାଜରେ ଭଲ ମଣିଷ ଭାବେ ଛିଡ଼ା ହେବାକୁ ସାହସ ଯୋଗାଇଛନ୍ତି ଅଚ୍ୟୁତ ସାମନ୍ତ।
- ଶତାଧିକ ଜନଜାତି ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ସହ କରୁଛନ୍ତି ପୃଥିବୀ ପରିଭ୍ରମଣ।
- ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ KISSର ୧୦ ଏକର ଜଙ୍ଗଲ କିସମ ଜମିର Forest Land Diversion ହୋଇଛି।
- KISSର ଏହି ଜଙ୍ଗଲ କିସମ ଜମିର Forest Land Diversion ପାଇଁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ୨୦୦୭ ମସିହାରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୧୭ବର୍ଷ କାଳ ନିରନ୍ତର ପ୍ରୟାସ କରି ସଫଳତା ପାଇଛନ୍ତି।
- ପ୍ରକାରାନ୍ତରେ ଏହା ଜନଜାତି ଛାତ୍ରଛାତ୍ରୀ, ଅଭିଭାବକ ଓ ସମଗ୍ର ଜନଜାତି ସମ୍ପ୍ରଦାୟର ସଫଳତା।
- ଏଥିପାଇଁ ଅଚ୍ୟୁତ ସାମନ୍ତଙ୍କୁ କିଛି ନକାରାତ୍ମକ ଲୋକଙ୍କଠାରୁ ଅନେକ ଦୁଃଖ, କଷ୍ଟ, ଲାଞ୍ଛନା ଓ ଗଞ୍ଜଣା ସହିବାକୁ ପଡ଼ିଛି। କିଛି ନକାରାତ୍ମକ ବ୍ୟକ୍ତି, କିଛି ବିତ୍ତଶାଳୀ ବ୍ୟକ୍ତିଙ୍କ ଅର୍ଥବଳରେ ଅଚ୍ୟୁତ ସାମନ୍ତଙ୍କୁ ୧୦ବର୍ଷ ଧରି ସମଗ୍ର ବିଶ୍ୱରେ ଜମି ମାଫିଆ ଭାବେ ନିନ୍ଦିତ କରିଆସିଛନ୍ତି।
- ଏଥିରେ ଅଚ୍ୟୁତ ସାମନ୍ତ ଭାଙ୍ଗି ପଡ଼ିନାହାନ୍ତି କି ଜନଜାତିଙ୍କ ସେବାରୁ ନିବୃତ୍ତ ହୋଇନାହାନ୍ତି କିମ୍ବା ଏହାକୁ ଭ୍ରୂକ୍ଷେପ କରିନାହାନ୍ତି। ନିଜ ଲକ୍ଷ୍ୟରେ ସେ ଅଗ୍ରସର ହୋଇ KIIT ଓ KISSକୁ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ KISSର ଏହି ୧୦ ଏକର ଜମିର କିସମ ପରିବର୍ତ୍ତନ କରିବାରେ ସଫଳ ହୋଇଛନ୍ତି।
- ଆଜି ଅଚ୍ୟୁତ ସାମନ୍ତ ନିଜକୁ ଓ KISSକୁ ମିଥ୍ୟା ଅପବାଦରୁ ମୁକ୍ତ କରିଛନ୍ତି।
- ଅଚ୍ୟୁତ ସାମନ୍ତଙ୍କ ନାମରେ କୌଣସି ଜମି କିମ୍ବା ଘର ନଥିବା ବେଳେ ତାଙ୍କୁ କୁଚକ୍ରୀ ଗୋଷ୍ଠୀ ଜମି ମାଫିଆ ଭାବେ ଦେଶ ଓ ଦେଶ ବାହାରେ ପିଟିସନ୍ ପକାଇ ନିନ୍ଦିତ କରିଆସୁଥିଲେ।
- ୨୫ବର୍ଷ ବୟସରୁ ସେ ଜନଜାତି ଓ ସମାଜସେବା ପାଇଁ ନିଜ ଜୀବନକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଛନ୍ତି। ତାଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ।
- ଗତ ୧୭ବର୍ଷ ମଧ୍ୟରେ ପଲ୍ଲୀସଭା/ଗ୍ରାମସଭାଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରକୁ ଦୌଡ଼ି ନିୟମ ଅନୁସାରେ ଏହି କାମଟିକୁ ସଫଳ କରାଇଛନ୍ତି।
- ଏଥିପାଇଁ KISSର ସମସ୍ତ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, KISS ଅଭିଭାବକ ସଂଘ, ଓଡ଼ିଶା ଆଦିବାସୀ ଫୋରମ୍, ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ଓ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ଜନଜାତିର ଜନନାୟକ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ।

| | | | | | |
|---|---|---|---|---|---|
| ଶାନ୍ତି ମୁର୍ମୁ | ଦୁଲା ବାଙ୍କିରା | ରାମ ଶବର | କାଦେ ସୋରେନ୍ | ନିରଞ୍ଜନ ବିଶି | ବାଳକୃଷ୍ଣ ଶବର |
| ସଭାପତି, କିସ୍ ଛାତ୍ରସଂଘ (ପଞ୍ଜୀକୃତ) | ସଭାପତି, କିସ୍ ପୁରାତନ ଛାତ୍ରସଂଘ (ପଞ୍ଜୀକୃତ) | ସଭାପତି, କିସ୍ ଅଭିଭାବକ ସଂଘ (ପଞ୍ଜୀକୃତ) | ସଭାପତି, ଓଡ଼ିଶା ଆଦିବାସୀ ଫୋରମ (ପଞ୍ଜୀକୃତ) | ସଭାପତି, ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ (ପଞ୍ଜୀକୃତ) | ସଭାପତି,ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ (ପଞ୍ଜୀକୃତ) |

# ଭାରତ ନିୟନ୍ତ୍ରଣରେ ଧର୍ମଶାଳା ଟେଷ୍ଟ

ଧର୍ମଶାଳା,୮।୩(ପି.ଟି.)

ଶୁବମନ୍ ଗିଲ ଓ ରୋହିତ ଶର୍ମାଙ୍କ ଶତକ ବଳରେ ଇଂଲଣ୍ଡ ବିପକ୍ଷ ଧର୍ମଶାଳାରେ ଖେଳାଯାଉଥିବା ଅନ୍ତିମ ଟେଷ୍ଟକୁ ନିୟନ୍ତ୍ରଣରେ ରଖିଛି ଭାରତ। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୮ ଉଇକେଟ ହରାଇ ୪୭୩ ରନ୍ କରିଛି। ହାତରେ ୨ ଉଇକେଟ ଥିବାବେଳେ ଦଳ ୨୫୫ ରନର ଅଗ୍ରଣୀ ହାସଲ କରିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୩୫/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରୋହିତ ଶର୍ମା ଓ ଶୁବମନ ଗିଲ୍ ନିଜ ଶତକ ପୂରଣ କରିବା ସହ ୧୭୧ ରନ୍ ଯୋଡିଥିଲେ। ଉଭୟ ଇଂଲଣ୍ଡ ବୋଲରଙ୍କ ବିପକ୍ଷରେ ମନ ଭରି ରନ୍ ସଂଗ୍ରହ କରିଥିବା ବେଳେ ରୋହିତ ଶର୍ମାଙ୍କୁ ଆଉଟ କରି ବେନ୍ ଷ୍ଟୋକ୍ସ ଏହି ଯୋଡି ଭାଙ୍ଗିଥିଲେ। ଆଉଟ ହେବା ପୂର୍ବରୁ ରୋହିତ ୧୬୨ ବଲ୍ ଖେଳି ୧୦୩ ରନ୍ କରିଥିଲେ। ଏହି ଇନିଂସରେ ୧୩ ଚୌକା ଓ ୩ ଛକା ସାମିଲ ଥିଲା। ମାତ୍ର ୪ ରନ୍ ମଧ୍ୟରେ ଶୁବମନ୍ ଗିଲ୍ ମଧ୍ୟ ପ୍ୟାଭିଲିୟନ ଫେରିଥିଲେ। ୧୫୦ବଲ୍ ଖେଳି ୧୨ ଚୌକା ଓ ୫ ଛକା ସହ ସେ ୧୧୦ ରନ୍ କରି ଆଉଟ ହୋଇଥିଲେ। ତେବେ ପଦାର୍ପଣ କରିଥିବା ଦେବଦତ୍ତ ପଡିକଲ ଓ ସର୍ଫରାଜ ଖାଁ ଚମତ୍କାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଉଭୟ ଚତୁର୍ଥ ଉଇକେଟରେ ୯୭ ରନ୍ ଯୋଡି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ପଡିକଲ୍ ୧୦୩ ବଲ୍ ଖେଳି ୧୦ ଚୌକା ଓ ୧ ଛକା ସହ ୬୫ ରନ ସ୍କୋର କରିଥିଲେ। ଅନ୍ୟପକ୍ଷରେ ସର୍ଫରାଜ ନିଜ ଚମତ୍କାର ଫର୍ମ ବଜାୟ ରଖି ୬୦ ବଲ୍‌ରୁ ୫୬ ରନ୍ କରିଥିଲେ। ସର୍ଫରାଜଙ୍କ ଇନିଂସରେ ୮ ଚୌକା ଓ ୧ ଛକା ସାମିଲ ଥିଲା। ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ଶୋଏବ ବଶିର। ପରବର୍ତ୍ତୀ ୨ ବ୍ୟାଟର ରବୀନ୍ଦ୍ର ଜାଡେଜା ଓ ଧ୍ରୁବ ଜୁରେଲ ୧୫ ରନ୍ ଲେଖାଏ କରି ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଶତକୀୟ ଟେଷ୍ଟ ଖେଳୁଥିବା ରବିଚନ୍ଦ୍ରନ ଅଶ୍ୱିନ ଖାତା ଖୋଲିବା ଆଗରୁ ପ୍ୟାଭିଲିୟନ ଫେରିଥିଲେ। ତେବେ ଯଶପ୍ରୀତ୍ ବୁମ୍‌ରା(୧୯) ଓ କୁଲଦୀପ ଯାଦବ(୨୭) ନବମ ଉଇକେଟରେ ଅବିଭାଜିତ ୪୫ ରନ ଯୋଡ଼ିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର ୪ ଉଇକେଟ ନେଇଥିବା ବେଳେ ଟମ ହାର୍ଟଲେ ୨ ଉଇକେଟ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜେମ୍ସ ଆଣ୍ଡରସନ୍ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଶତକ ହାସଲ ପରେ ଶୁବମନ ଗିଲ୍।

### ରୋହିତ, ଗିଲ୍‌ଙ୍କ ଶତକ
#### ପଦାର୍ପଣରେ ପଡିକଲଙ୍କ ଅର୍ଦ୍ଧଶତକ

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୨୧୮/୧୦। ଭାରତ ପ୍ରଥମ ଇନିଂସ ୧୨୦ ଓଭରରେ ୪୭୩/୮ (ଯଶସ୍ୱୀ ଜୟସ୍ୱାଲ-୫୭, ରୋହିତ ଶର୍ମା-୧୦୩, ଶୁବମନ ଗିଲ-୧୧୦, ଦେବଦତ୍ତ ପଡିକଲ-୬୫, ଶୋଏବ ବଶିର-୪/୧୭୦,ଟମ୍ ହାର୍ଟଲେ-୨/୧୨୬, ବେନ୍ ଷ୍ଟୋକ୍ସ-୧/୧୭, ଜେମ୍ସ ଆଣ୍ଡରସନ୍-୧/୫୯)।

# ୟୁପିକୁ ଜିତାଇଲେ ଦୀପ୍ତି ଶର୍ମା

ନୂଆଦିଲ୍ଲୀ,୮।୩

ଓମେନ୍ସ ପ୍ରିମିୟର ଲିଗ୍‌ରେ ଦୀପ୍ତି ଶର୍ମାଙ୍କ ଅଲରାଉଣ୍ଡ ପ୍ରଦର୍ଶନ (୫୯ ରନ୍ ଓ ୪ ଉଇକେଟ) ବଳରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୧ ରନ୍‌ରେ ହରାଇଛି ୟୁପି ୱାରିଅର୍ଜ। ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୨୦ ଓଭରରେ ୮ ଉଇକେଟରେ ୧୩୮ ରନ୍ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯.୫ ଓଭରରେ ୧୩୭ ରନ୍‌ରେ ଅଲଆଉଟ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ୱାରିଅର୍ଜ ପକ୍ଷରୁ ଅଧିନାୟିକା ଆଲିସା ହିଲି(୨୯), ଦୀପ୍ତି ଶର୍ମା(୫୯) ଓ ଗ୍ରେସ୍ ହାରିସ୍(୧୪) ରନ୍ କରିଥିଲେ। ଦୀପ୍ତି ଏକାକୀ ଲଢେଇ ଜାରି ରଖି ୪୮ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ତିତାସ ସାଧୁ ଓ ରାଧା ଯାଦବ ଦୁଇଟି, ଶିଖା ପାଣ୍ଡେ, ଅରୁନ୍ଧତୀ ରେଡ୍ଡୀ, ଜେସ୍ ଜୋନାସେନ୍ ଓ ଆଲିସ୍ କାପ୍‌ସି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀ ମେଗ୍ ଲାନିଙ୍ଗଙ୍କ ୬୦ ରନ୍ ସତ୍ତ୍ୱେ ବିଜୟରୁ ୧ ରନ୍ ଦୂରରେ ରହିଯାଇଥିଲା। ଲାନିଙ୍ଗ ୪୬ ବଲ୍ ଖେଳି ୧୨ ଚୌକା ମାରିଥିଲେ। ଅନ୍ତିମ ୨ ଓଭରରେ ୧୫ ରନ୍ ଆବଶ୍ୟକ ଥିବା ବେଳେ ୧୯ ନମ୍ବର ଓଭରରେ ଦୀପ୍ତି ୫ ରନ୍ ଦେଇ ୩ ଉଇକେଟ ନେଇଥିଲେ। ଅନ୍ତିମ ଓଭରରେ କ୍ୟାପିଟାଲ୍ସ ଲଗାତାର ୩ ବଲ୍‌ରେ ୩ ଉଇକେଟ ହରାଇବା ସହ ପରାସ୍ତ ହୋଇଥିଲା। ଦୀପ୍ତି ୪ ଉଇକେଟ ନେଇଥିବା ବେଳେ ସାଇମା ଠାକୁର ଓ ଗ୍ରେସ୍ ହାରିସ୍ ୨ ଉଇକେଟ ଲେଖାଏ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ୟୁପି ୱାରିଅର୍ଜ ୨୦ ଓଭରରେ ୧୩୮/୮ (ଦୀପ୍ତି ଶର୍ମା-୫୯, ଆଲିସା ହିଲି-୨୯, ଗ୍ରେସ୍ ହାରିସ୍-୧୪, ରାଧା ଯାଦବ-୨/୧୬, ତିତାସ ସାଧୁ-୨/୨୩, ଆଲିସ୍ କାପ୍‌ସି-୧/୫)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୫ ଓଭରରେ ୧୩୭/୧୦ (ମେଗ୍ ଲାନିଙ୍ଗ-୬୦, ଜେମିମା ରୋଡ୍ରିଗୁଏଜ-୧୭, ଆଲିସ୍ କାପ୍‌ସି-୧୫, ଦୀପ୍ତି ଶର୍ମା-୪/୧୯, ସାଇମା ଠାକୁର-୨/୩୦, ଗ୍ରେସ୍ ହାରିସ୍-୨/୮)।




# ବାଳିକା ବର୍ଗରେ ଆହାନଙ୍କୁ ଟାଇଟଲ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର,୮।୩
(ସରୋଜ ଜେନା)

### ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ (୧୨ ଓ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ) ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଓଡ଼ିଶାର ଆହାନ ବାଳିକା ୧୪ ବର୍ଷରୁ କମ୍ ଫାଇନାଲରେ ବିଜୟୀ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳକ ବର୍ଗରେ ଶ୍ଳୋକ ଆଲନ୍ଦ ଓ ବାଳିକା ବିଭାଗରେ କ୍ରିଶିକା ଗୌତମ ବିଜୟୀ ହୋଇଛନ୍ତି। ମହାରାଷ୍ଟ୍ରର ଶ୍ଳୋକ ୭-୬(୩), ୬-୪ ସେଟ୍‌ରେ ହର୍ଷ ପ୍ରଫୁଲ ନାଗୱାନିଙ୍କୁ ପରାସ୍ତ କରିଥିଲେ। ୧୨ ବର୍ଷରୁ କମ୍ ବାଳିକା ବର୍ଗରେ କର୍ଣ୍ଣାଟକର କ୍ରିଶିକା ୬-୩, ୬-୨ ସେଟରେ ଓଡ଼ିଶାର ଏସ୍ କେ ଶଫଜାଙ୍କୁ ପରାସ୍ତ କରିଥିଲେ।

୧୪ ବର୍ଷରୁ କମ ବାଳକ ବର୍ଗରେ ତେଲଙ୍ଗାନାର ଅଥର୍ବ ଶ୍ରୀରାମୋଜୁ ୬-୩, ୬-୦ ସେଟରେ ମହାରାଷ୍ଟ୍ରର ଆରବ ଛଲାନିଙ୍କୁ ପରାସ୍ତ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ଓଡ଼ିଶାର ଆହାନ ୬-୦, ୬-୧ରେ ତାମିଲନାଡୁର ତନୁଶ୍ରୀ ସତୀଶଙ୍କୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ସେହିପରି ୧୪ ବର୍ଷରୁ କମ ବାଳକ ଡବଲ୍ସରେ ଆରବ ଛଲାନି-ରୁନମାନ ମହେଶ ୬-୩, ୩-୬(୧୨-୧୦) ସେଟରେ ୟଶ କୁମାର-ଅଥର୍ବ ଶ୍ରୀରାମୋଜୁଙ୍କୁ ପରାସ୍ତ କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ରିତ୍ ଝାୱର-ଏସ୍‌କେ ସଜଫା ୭-୫, ୩-୬(୧୦-୦)ସେଟ୍‌ରେ ସୁହାନି ଭାସିନ୍-ତନୁଶ୍ରୀ ସତୀଶଙ୍କୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଓଡ଼ିଶା ଟେନିସ୍ ଆସୋସିଏଶନର ଅବୈତନିକ ସଚିବ ସତ୍ୟଜିତ ମହାନ୍ତି, ଯୁଗ୍ମ ସଚିବ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ସମ୍ବିତ ପଟ୍ଟନାୟକ, ଏଆଇଟିଏ ସୁପରଭାଇଜର ପ୍ରବୀଣ ନାୟକ ଓ ଓଡ଼ିଶା ଟେନିସ୍ ଏକାଡେମୀର ସଦସ୍ୟ ଉପସ୍ଥିତ ଥିଲେ।

# ରକ୍ ଷ୍ଟାର ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୮।୩ (ଡିଏନ୍.ଏ)

ସ୍ଥାନୀୟ ପୋଖରିପୁଟ୍ ଖେଳପଡ଼ିଆରେ ବିହାରୀ ଲାଲ ଧମାକା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିବାବେଳେ କଟକର ରକ୍ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରକ୍‌ଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୦ ଓଭରରେ ୧୬୦ ରନ ସଂଗ୍ରହ କରିଥିଲା। ଜବାବରେ ସିଲୁ ଏକାଦଶ ୧୫୬ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲା। ଏଥିରେ ଚାମ୍ପିୟନ ଦଳକୁ ୪୦,୦୦୦ ଟଙ୍କା ସହ ଟ୍ରଫି ଏବଂ ରନରଅପ୍ ଦଳକୁ ୨୫,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ମନ୍ମଥ ରାଉତରାୟ, ବାବୁ ସିଂ, ଲୁଲୁ ନନ୍ଦ, ନିର୍ଭୟ ସାମନ୍ତରାୟ ଓ ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ବିହାରୀ ଲାଲ୍ ସ୍ପୋର୍ଟ୍ସ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ଜେନା ମ୍ୟାଚ ପରିଚାଳନା କରିଥିଲେ।


ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ଫାଇନାଲରେ କୁନାଲ, ଆଶୁତୋଷ

ଭୁବନେଶ୍ୱର,୮।୩
(ସରୋଜ ଜେନା)

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଆଶୁତୋଷ ପାଢୀ ଓ କୁନାଲ ଅଗ୍ରୱାଲ। ଶୁକ୍ରବାର ଖେଳା ଯାଇଥିବା ସେମି ଫାଇନାଲ ମ୍ୟାଚ୍‌ରେ କୁନାଲ ଅଗ୍ରୱାଲ ୬-୫ ସେଟରେ ସୁବ୍ରତ ଦାଶଙ୍କୁ ପରାସ୍ତ କରିଥିଲେ। ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଆଶୁତୋଷ ପାଢୀ ୬-୩ ସେଟରେ ରାକେଶ ରୋଶନ ପ୍ରଧାନଙ୍କୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ସୁବ୍ରତ ଓ କୁନାଲଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଡିସାଇଡର ପଏଣ୍ଟରେ ବିଜେତା ନିର୍ଣ୍ଣୟ କରାଯାଇଥିଲା। ଶନିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ଡବ୍ଲ୍ୟୁଏଫ୍‌ଆଇକୁ ୟୁଡବ୍ଲ୍ୟୁଡବ୍ଲ୍ୟୁର ସମର୍ଥନ

**ନୂଆଦିଲ୍ଲୀ, ୮।୩ (ପି.ଟି.):** ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ପ୍ରତି ଏହାର ସମର୍ଥନ ଜଣାଇଛି ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)। ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ କେବଳ ଡବ୍ଲ୍ୟୁଏଫ୍‌ଆଇ ଦ୍ୱାରା ପ୍ରେରିତ କୁସ୍ତିଯୋଦ୍ଧାମାନେ ଭାଗ ନେଇପାରିବେ। ଡବ୍ଲ୍ୟୁଏଫ୍‌ଆଇ ବ୍ୟତିରେକ ଅନ୍ୟ କେହି ଏହି ଭୂମିକା ଗ୍ରହଣ କରିପାରିବେ ନାହିଁ। ଆଗାମୀ ଏସିଆନ ଚାମ୍ପିୟନଶିପ୍ ଓ କଣ୍ଟିନେଣ୍ଟାଲ ଅଲିମ୍ପିକ କ୍ୱାଲିଫାୟର୍ସ ଲାଗି ଆଡହକ୍ ପ୍ୟାନେଲର ଟ୍ରାଏଲ୍ସକୁ ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକ ବିରୋଧ କରିଥିଲେ। ତେବେ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ସଭାପତି ନିନାଦ ଲାଲୋଭିଚ୍ ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂଙ୍କୁ କହିଛନ୍ତି ଯେ, କେବଳ ୟୁଡବ୍ଲ୍ୟୁଡବ୍ଲ୍ୟୁ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଡବ୍ଲ୍ୟୁଏଫ୍‌ଆଇ କେବଳ ପ୍ରତିଯୋଗୀ ପଠାଇ ପାରିବ ବୋଲି ସ୍ପଷ୍ଟ କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ସୂଚାରୁ ରୂପେ ସମ୍ପାଦନ ହେବାପରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ନିକଟରେ ଏହା ଉପରୁ ନିଲମ୍ବନ ପ୍ରତ୍ୟାହାର କରିନେଇଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ